


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 FEBRUARY 2021

Vol.No. 31 ■ No. 46 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଟ୍ରାଫିକ୍ ନିୟମ ନମାନିଲେ ଘରକୁ ଯିବ ଲଭ୍ ଲେଟର

## ସିସିଟିଭି ଦେଖି କଟାଯାଉଛି ୩୫୦ ଚାଲାଣ

ଭୁବନେଶ୍ୱର,୧୭।୦୨ (ନି.ପ୍ର): ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନେ ଭାବୁଛନ୍ତି କି ପୋଲିସ ସେମାନଙ୍କୁ ଦେଖିପାରୁ ନାହିଁ। ମାତ୍ର ସେମାନଙ୍କୁ ପ୍ରତି ଟ୍ରାଫିକ ପୋଷ୍ଟରେ ଲାଗିଥିବା କ୍ୟାମେରା ଜଗିଛି। ଏହାକୁ ଆଧାର କରି ଆଇନ ଉଲ୍ଲଂଘନକାରୀଙ୍କ ଘରକୁ ଚାଲାଣ ପଠାଯାଉଛି ବୋଲି ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ପୋଲିସ୍ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି ଏବେ ମଧ କିଛି ଲୋକ ଅଛନ୍ତି ଯେଉଁମାନେ ଟ୍ରାଫିକ ନିୟମ ମାନୁ ନାହାନ୍ତି। ସେମାନେ ଅପେକ୍ଷା କରିଛନ୍ତି ଆମକୁ କେବେ ମାମୁଁ ଧରିବ ଆଉ ଲଭ୍ ଲେଟର ଦବ,ତା'ପରେ ସେମାନେ ସଚେତନ ହେବେ। ସିସିଟିଭି ଦେଖି ପ୍ରତ୍ୟେକ ଦିନ ୩୫୦ଟି ଚାଲାଣ କଟା ଯାଉଛି। ଆଗାମୀ ଦୁଇରୁ ତିନି ମାସ ଭିତରେ ଏ ସଂଖ୍ୟା ଆହୁରି ବଢ଼ିବ। ଯେବେଠୁ ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯାଇ ଜରିମାନା ଆଦାୟ କରାଯାଉଛି ପାଖାପାଖି ଏହି ଏକ ବର୍ଷ ମଧରେ କଟକ ଭୁବନେଶ୍ୱରରୁ ୨୫ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ଆପଣ ଭାବନ୍ତୁନି ଟ୍ରାଫିକ ନିୟମ ଉଲଂଘନ କରି ଆପଣ ବଂଚିଯିବେ। କେବେ ନା କେବେ ଆପଣଙ୍କୁ ଆମେ ଧରିବୁ ଓ ଲଭ ଲେଟର ଦେବୁବୋଲି ସେ କହିଛନ୍ତି।

# ପୁଣି କଡ଼ ଲେଉଟେଇବ କି କରୋନା ସଂକ୍ରମଣ

## ଗତ ୨୪ ଘଂଟା ଭିତରେ ୧୧ ହଜାର ୮ ଶହ ଟପିଲା ଦେଶରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା



ନୂଆଦିଲ୍ଲୀ,୧୭।୦୨ (ନି.ପ୍ର): ଗୋଟିଏ ପଟେ ଦେଶରେ କରୋନା ଟିକାକରଣ ଦ୍ରୁତ ଗତିରେ ଚାଲିଛି । ମାସକ ଭିତରେ ପ୍ରାୟ ୯୦ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଓ କରୋନା ଯୋଦ୍ଧା ଟିକା ନେଇ ସାରିଲେଣି । ଜନଜୀବନ ସ୍ୱାଭାବିକ ହୋଇ ଆସୁଥିବା ବେଳେ ପୁଣି ଚିନ୍ତା ବଢ଼ାଉଛି ସଂକ୍ରମଣ । କିଛି ଦିନ ଧରି ଦେଶରେ ୧୦ ହଜାର ତଳକୁ ନୂଆ ପଜିଟିଭ୍ ଚିହ୍ନଟ ହେଉଥିଲେ । ଆଶା କରାଯାଉଥିଲା, ଦିନ ଗଡ଼ିବା ସହ ୫ ହଜାର ତଳକୁ ଖସିଯିବ ଦୈନିକ ସଂକ୍ରମଣ । ହେଲେ ଏହି ସଂଖ୍ୟା ଧିରେ ଧିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଂଟାରେ ୧୧ ହଜାର ୮୩୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କରୋନାଜନିତ ମୃତ୍ୟୁ ସଂଖ୍ୟା ଦେଶରେ ଗତ ତିନି ଦିନ ଧରି ୧୦୦ ତଳକୁ ରହୁଥିଲା । ଏହା କେବେ ଶୂନ ହେବ, ସମସ୍ତଙ୍କ ନଜର ରହିଥିଲା । ତେବେ ଏହି ସଂଖ୍ୟା ମଧ ବଢ଼ିଛି । ଗତ ୨୪ ଘଂଟର ମଧରେ କରୋନାରେ ୧୦୯ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ▶▶ପୃଷ୍ଠା ୭

### ଚାଷୀ ଆନ୍ଦୋଳନ ପ୍ରସଙ୍ଗ

## ସରକାରଙ୍କ ଉପରେ ଚାପ ପକାଇବାକୁ ଆଜି ଦେଶସାରା ରେଲରୋକ କରିବେ ଚାଷୀ ସଂଗଠନ



ନୂଆଦିଲ୍ଲୀ,୧୭।୦୨ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା କାଲି ସାରା ଦେଶରେ ରେଲରୋକ୍ ଆନ୍ଦୋଳନ କରିବ ବୋଲି ଡାକରା ଦେଇଛି । କାଲି ମଧାହ୍ନ ୧୨ ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଦେଶର ସମସ୍ତ ରେଳ ଲାଇନରେ ଧାରଣା ଦେଇ ରେଳ ରୋକ୍ କରିବ କୃଷକ ସଂଗଠନ । ସିଂଘୁ ସୀମାରେ ଧାରଣାରେ ବସିଥିବା କୃଷକ ନେତା ମଞ୍ଜିତ୍ ସିଂ ଧନେର କହିଛନ୍ତି କି ଯେଉଁ କୃଷକ ମାନେ ଟିକରୀ, ସିଂଘୁ, ଓ ଗାଜିପୁର ସୀମାରେ ଧାରଣାରେ ବସିଛନ୍ତି ସେମାନେ ରେଳ ରୋକରେ ସାମିଲ ହେବେ ନାହିଁ । ଯେଉଁ କୃଷକ ମାନେ ଗାଁରେ ରହି କୃଷକ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି ▶▶ପୃଷ୍ଠା ୭

## ୩୨,୭୦୦ କୋଟିର ତୈଳ ଓ ଗ୍ୟାସ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୦୨ (ନି.ପ୍ର): ଭାରତ ସରକାର ତୈଳ ଏବଂ ଗ୍ୟାସ ଭିତିଭୂମି ସୃଷ୍ଟି କରିବା ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ସାଢେ ୭ ଲକ୍ଷ ଟଙ୍କା ପୁଞ୍ଜିନିବେଶ କରିବାର ଯୋଜନା ରଖିଛନ୍ତି ବୋଲି ବୁଧବାର ଭିଡ଼ିଓ କନଫରେନ୍ସିଂ ମାଧମରେ ତାମିଲନାଡୁରେ ୩୨ ହଜାର ୭୦୦ କୋଟିର ତୈଳ ଓ ଗ୍ୟାସ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିସି ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକାର୍ପିତ ମହତ୍ୱକାଂକ୍ଷୀ ପ୍ରକଳ୍ପ ତାମିଲନାଡୁକୁ ବିଶୋଧନାଗାରର ପେଣ୍ଠସ୍ଥଳି କରିବ ବୋଲି ମତବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ରିଫାଇନିଂ କ୍ଷେତ୍ରରେ କ୍ଷମତା ନିର୍ମାଣ ମାଧ୍ୟମରେ ▶▶ପୃଷ୍ଠା ୭

# ଆଜିଠୁ ବିଧାନସଭା ଅଧିବେଶନ

■ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଅଧିବେଶନ ■ ୨୨ରେ ବଜେଟ୍ ■ ୨ ଟି ପର୍ଯ୍ୟାୟରେ ୩୧ ଦିନ ବସିବ ଗୃହ





ଭୁବନେଶ୍ୱର,୧୭।୦୨ (ନି.ପ୍ର): ଆସନ୍ତାକାଲି (ଗୁରୁବାର)ଠାରୁ ୧୬ତମ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଭିଭାଷଣ ରଖିବେ ଏବଂ ଫେବୃଆରୀ ୨୨ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ମାର୍ଚ୍ଚ ୩୧ ତାରିଖରେ ବିନିଯୋଗ ବିଲ୍ ଉପସ୍ଥାପନ କରାଯିବ। ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ଅଧିବେଶନରେ ମୋଟ ୩୧ଟି କାର୍ଯ୍ୟ ଦିବସ ରହିଛି। ଏପ୍ରିଲ୍ ୯ ତାରିଖରେ ଅଧିବେଶନ ଶେଷ ହେବ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା। ଏଥର ଅଧିବେଶନରେ ପ୍ରଶ୍ନକାଳ ରହିବ। ସେହିପରି ମୁଲତବୀ ପ୍ରସ୍ତାବ ଆଲୋଚନା ଦେଢ଼ ଘଂଟା ଚାଲିବ। ପୂର୍ବ ପରି ଗୃହ କାର୍ଯ୍ୟ ଦୈନିକ ସାଢେ ୪ଘଂଟା ଚାଲିବ। ପ୍ରଥମ ପର୍ଯ୍ୟାୟ ୧୦ଟା ୩୦ରୁ ଅପରାହ୍ନ ୧ ଟାଏ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୪ଟାରୁ ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟ ୩ ଟାରୁ ସନ୍ଧ୍ୟା ୫ ଟା ଯାଏଁ ଚାଲୁଥିଲା । ଅପରପକ୍ଷରେ ଅଧିବେଶନ ପୂର୍ବରୁ ପୋଲିସ୍ ଡିଜି ବୁଧବାର ବିଧାନସଭା ପରିସରରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅଧିବେଶନ ସମ୍ପର୍କରେ ଗତ ଫେବୃଆରୀ ୧ ତାରିଖରେ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ▶▶ପୃଷ୍ଠା ୭

## ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୦୨ (ନି.ପ୍ର): ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଅସୁସ୍ଥତା କାରଣରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତି କରାଯାଇଛି। ଏହି ସୂଚନା ପାଇବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଅସୁସ୍ଥତା ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଏହାସହ ତାଙ୍କର ଆଶୁ ଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ▶▶ପୃଷ୍ଠା ୭

### ଓଡିଶାର ସବୁଠୁ ବଡ଼ ସାଇବର ଠକେଇ

## ଡାକ୍ତରଙ୍କ ଆକାଉଂଟରୁ ୭୭ ଲକ୍ଷ ଲୁଟିନେଲେ ସାଇବର ଠକ



ଭୁବନେଶ୍ୱର,୧୭।୦୨ (ନି.ପ୍ର): ଡାକ୍ତରଙ୍କ ଆକାଉଂଟରେ କଳାକନା ବୁଲାଇଲେ ସାଇବର ଠକ ଆଉ ଲୁଟିନେଲେ ୭୭ ଲକ୍ଷ ଟଙ୍କା । କଟକରୁ ଆସିଛି ଏଭଳି ଏକ ଚାଂଚଲ୍ୟକର ଖବର ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଆଉ ଏହାର ଶିକାର ହୋଇଛନ୍ତି ଡାକ୍ତର ସନାତନ ମହାନ୍ତି । ଡାକ୍ତରଙ୍କ ଫୋନକୁ ଏକ ଆଠ ଡିଜିଟ ନମ୍ବରରୁ କଲ ଆସିଥିଲା, ଆଉ ଏଟିଏମ କାର୍ଡ ଜରିଆରେ ନମ୍ବରରେ ରିଚାର୍ଜ ନକଲେ ନମ୍ବର ବ୍ଲକ ହୋଇଯିବ ବୋଲି କହିଥିଲେ ସାଇବର ଠକ । ଏହାପରେ ଭୟରେ ସନାତନ ମହାନ୍ତି ଗୁଗୁଲ ଷ୍ଟୋରରୁ ଏକ ଆପ ଡାଉନଲୋଡ କରି ଏଟିଏମ କାର୍ଡ ବ୍ୟବହାର କରି ରିଚାର୍ଜ କରିଥିଲେ । ଆଉ ତା ପରେ କିଛି ସମୟରେ ପର୍ଯ୍ୟାୟକ୍ରମେ ତାଙ୍କ ଆକାଉଂଟରୁ କଟିଚାଲିଥିଲା ଟଙ୍କା । ଆଉ ଏବେ ଡାକ୍ତର ତାଙ୍କ ଟଙ୍କା ଫେରିପାଇବା ପାଇଁ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।

## କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୦୨ (ନି.ପ୍ର): ଅପାର ସମ୍ଭାବନାର ରାଜ୍ୟ ଓଡିଶାରେ ସମୁଦ୍ର କୂଳ ତଥା ପ୍ରାକୃତିକ ପରିବେଶ ସୁରକ୍ଷାର ସନ୍ତୁଳନକୁ ଆଖିରେ ରଖି ଗବେଷଣା ନିମନ୍ତେ ଭୁବନେଶ୍ୱର ସ୍ଥିତ ଲାଇଫ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍ (ଆଇଏଲଏସ) ଠାରେ ସେଂଟର ଅଫ୍ ଏକ୍ସିଲେନ୍ସ ଅନ୍ ମେରାଇନ୍ ବାୟୋ-ଟେକ୍ନୋଲୋଜି ପ୍ରତିଷ୍ଠା କରିବା ଦିଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ଭୂପୃଷ୍ଠ ବିଜ୍ଞାନ ; ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅପାର ସମ୍ଭାବନାର ରାଜ୍ୟ ଓଡିଶାରେ ସୁଦୀର୍ଘ ସୁନ୍ଦର ବେଳାଭୂମି ଶତାବ୍ଦୀ ଶତାବ୍ଦୀ ଧରି ରାଜ୍ୟର ଏକ ହଲମାର୍କ ଭାବରେ ପରିଗଣିତ ହୋଇଛି। ମତ୍ସ୍ୟ ଚାଷ, ପର୍ଯ୍ୟଟନ, ବାଣିଜ୍ୟ ଏବଂ ଲଜିଷ୍ଟିକ୍ ତଥା ଆନୁଷାଙ୍ଗିକ କାମରେ ନିୟୋଜିତ ଥିବା ବିଭିନ୍ନ ବର୍ଗର ଲକ୍ଷାଧିକ ଲୋକଙ୍କୁ ଏହି ବେଳାଭୂମି ରୋଜଗାର ଦେଉଛି । ସମୁଦ୍ର ଆଧାରିତ ନୀଳ ଅର୍ଥନୀତି ପାଇଁ ବିଗତ ୬ ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶାର ସୁଦୀର୍ଘ ବେଳାଭୂମି କେନ୍ଦ୍ର ବିନ୍ଦୁରେ ରହିଛି । ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ ଏବଂ ଭିତରକନିକା ଜାତୀୟ ଉଦ୍ୟାନ ଓଡିଶାର ପର୍ଯ୍ୟଟନ ତଥା ଏଭଳି କ୍ଷେତ୍ର ପାଇଁ ଏକ ମେରୁଦଣ୍ଡ ଭାବରେ ପରିଗଣିତ ହୋଇଛି । ସେହିପରି ପାରାଦୀପ ବନ୍ଦର, ▶▶ପୃଷ୍ଠା ୭

## ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ



ଭୁବନେଶ୍ୱର,୧୭।୦୨ (ନି.ପ୍ର): ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ସାମ୍ନାରେ ଆତ୍ମାହୁତି ଉଦ୍ୟମ । ପାରିବାରିକ କଳିକୁ ନେଇ ସେ ମଂଚେଶ୍ୱର ଥାନାରେ ଅଭିଯୋଗ କରି ବିଫଳ ହେବାରୁ ହଂସପାଳ ଅଂଚଳର ଜଣେ ବ୍ୟକ୍ତି ବୁଧବାର ଦିନ ପେଟ୍ରୋଲ ଧରି ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଛି। ସୂଚନା ଅନୁସାରେ ହଂସପାଳ ଅଂଚଳର ଜଣେ ଫଳ ବେପାରୀଙ୍କ ପତ୍ନୀଙ୍କୁ ଆକ୍ରମଣ ହୋଇଥିଲା। ଏନେଇ ସେ ମଞ୍ଚେଶ୍ୱର ▶▶ପୃଷ୍ଠା ୭

## ସର୍ବଦଳୀୟ ବୈଠକ ଅନୁଷ୍ଠିତ : ଚଳିତ ଅଧିବେଶନରେ ରହିବ ପ୍ରଶ୍ନକାଳ

ଭୁବନେଶ୍ୱର,୧୭।୦୨ (ନି.ପ୍ର): ଆଗାମୀ ବିଧାନସଭା ଅଧିବେଶନରେ ପ୍ରଶ୍ନକାଳ ରହିବ ଓ ବିଧାୟକ ମାନେ ତାରକା ପ୍ରଶ୍ନ ପଚାରି ପାରିବେ । ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଉପରୋକ୍ତ ନିଷ୍ପତି ନିଆ ଯାଇଥିବା ଜଣା ପଡିଛି । ସେହିପରି ମୁଲତବୀ ପ୍ରସ୍ତାବ ଆଲୋଚନା ଦେଢ଼ ଘଂଟା ଚାଲିବା ପାଇଁ ଏହି ବୈଠକରେ ନିଷ୍ପତି ହୋଇଛି। ତେବେ ଗୃହ ଚାଲିବାର ସମୟ ଉପରେ ସାମାନ୍ୟ ପରିବର୍ତନ କରାଯାଇଛି। ପୂର୍ବ ପରି ଗୃହ କାର୍ଯ୍ୟ ଦୈନିକ ସାଢେ ୪ଘଂଟା ଚାଲିବ ବୋଲି ନିଷ୍ପତି ହୋଇଛି। ପ୍ରଥମ ଦିନ ଅଧିବେଶନ ପୂର୍ବାହ୍ନ ୧୧ଟା ବେଳେ ଆରମ୍ଭ ହେବାକୁ ଥିବା ସ୍ଥଳେ ଅନ୍ୟ ଦିବସରେ ଅଧିବେଶନ ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ରୁ ଅପରାହ୍ନ ୧ଟା ୩୦ ମିନିଟ୍ ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ, ଆପ୍ରୋପ୍ରିଏସନ୍ ବିଲ୍, ବଜେଟ୍ ଉତର, ଗୃହ, ସାଧାରଣ ପ୍ରଶାସନ, ରାଜସ୍ୱ ବିଭାଗର ଖର୍ଚ୍ଚଦାବୀ ଆଲୋଚନା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ଦିନ ଗୃହର ଅପରାହ୍ନ ଅଧିବେଶନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କେବଳ ରବିବାରକୁ ଛାଡି ଶନିବାର ସମେତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଅଧିବେଶନ ବସିବ । ବିରୋଧୀ ଦଳ ସଭ୍ୟମାନଙ୍କ ମୁଲତବୀ ପ୍ରସ୍ତାବର ଆଲୋଚନା ୯୦ ମିନିଟ୍ ପାଇଁ ଧାର୍ଯ୍ୟ କରାଯାଇଛି ଏବଂ ବିରୋଧୀଦଳ ସଦସ୍ୟମାନଙ୍କ ପାଇଁ ୫୫ ମିନିଟ୍ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ସରକାରୀ ଦଳ ସଦସ୍ୟ ଓ ମନ୍ତ୍ରୀମାନଙ୍କ ଉତର ପାଇଁ ୩୫ ମିନିଟ୍ ସମୟସୀମା ଧାର୍ଯ୍ୟ କରାଯାଇଛି।ସାମାଜିକ ଦୂରତ୍ୱ ମାନି ବିଧାୟକମାନଙ୍କର ଆସନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଧାନସଭା ସଭ୍ୟ ଏବଂ ମନ୍ତ୍ରୀମାନେ ଠିଆହୋଇ କିମ୍ବା ବସି ବିଧାନସଭାର ଆଲୋଚନାରେ ଭାଗ ନେଇପାରିବେ । ଓକାକ୍ ଭୁବନେଶ୍ୱର, ଲୋକସେବା ସଦନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷ, ▶▶ପୃଷ୍ଠା ୭

## ବଜେଟ ଅଧିବେଶନ ପୂର୍ବରୁ ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ପୋଲିସ ଡିଜି

ଭୁବନେଶ୍ୱର,୧୭।୦୨ (ନି.ପ୍ର): ଗୁରୁବାର ଠାରୁ ଓଡିଶା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେଉଥିବାରୁ ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଶ୍ରୀ ଅଭୟ । ଏହି ଅବସରରେ ସେ କହିଛନ୍ତି ଯେ ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଯୋଗାଇବାକୁ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ପୂର୍ବ ଥର ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ବିଧାନସଭା ସମ୍ମୁଖରେ କିଛି ଲୋକ ଆତ୍ମାହୁତି ଉଦ୍ୟମ କରିଥିଲେ। ଚଳିତ ଅଧିବେଶନ କାଳରେ ସେ ପ୍ରତି ଧ୍ୟାନ ଦିଆଯିବ । ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ଆଖପାଖ କିଛି ରାସ୍ତାକୁ ବନ୍ଦ କରାଯିବ ବୋଲି ସୂଚନା ରହିଛି। ସେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଯାଂଚ କଲା ବେଳେ ତାଙ୍କ ସହ ପୋଲିସ କମିଶନର, ଗୁଇନ୍ଦା ନିର୍ଦ୍ଦେଶକ ଓ ଗୁଇନ୍ଦା ଡିଆଇଜି ମଧ୍ୟ ସାମିଲ ଥିଲ ।

# ଜିଲାସ୍ତରୀୟ ସାମୂହିକ ମାରାଂବୁରୁ ପୂଜା

## ପାରମ୍ପାରିକ ଆଦିବାସୀ ନୃତ୍ୟରେ କମ୍ପିଲା ବଡ଼ଖୁଆ ଅଞ୍ଚଳ



ବାଲେଶ୍ୱର,୧୭।୨ (ନି.ପ୍ର): ବାଲେଶ୍ୱର ସହରର ବଡ଼ଖୁଆ ଜୁଆନ ଜୁମିଦ ଯୁବକ ସଂଘ ପକ୍ଷରୁ ଜିଲାସ୍ତରୀୟ ଆଦିବାସୀ ସମ୍ମିଳନୀ ଓ ସାମୂହିକ ମାରାଂବୁରୁ ପୂଜା ବେଶ ହର୍ଷ ଉଲାସରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହର ସମେତ ଜିଲାର ଇଞ୍ଚୁଡ଼ି ପାହି, ଜୟଦେବକସବା, ନିଧିପଣ୍ଡା, ପାତ୍ରପଡ଼ା ପ୍ରଭୃତି ଅଞ୍ଚଳ ଓ ମୟୂରଭଂଜ ଜିଲାର ବିଭିନ୍ନ ସ୍ଥାନରୁ ଆଦିବାସୀ କମିଟିର ସଦସ ସଦସ୍ୟାମାନେ ଏହି ଉତ୍ସବରେ ଯୋଗ ଦେଇଥିବା ଲକ୍ଷ୍ୟ କରାଯାଇଥିଲା । ବଡ଼ଖୁଆ ପଡ଼ିଆରେ ଆଦିବାସୀ ପୂଜକ ବା ଦେହୁରୀ ମାରାଂବୁରୁ ଦେବତାଙ୍କୁ ବିଧିମତେ ପୂଜାର୍ଚ୍ଚନା କରିବା ପରେ ପାରମ୍ପାରିକ ନୃତ୍ୟଗୀତରେ ସମସ୍ତେ ସାମିଲ ହୋଇଥିଲେ । ଶ୍ରୀ ପଞ୍ଚମୀରେ ଅନୁଷ୍ଠିତ ଏହି ଉତ୍ସବରେ ସକାଳେ ସମସ୍ତେ ଘର ଘରେ ମାରାଂବୁରୁ ଦେବତାଙ୍କୁ ପଜୂା କରିବା ପରେ ବଡ଼ଖୁଆ ଗ୍ରାମସ୍ଥିତ ଦେବତାଙ୍କ ଆସ୍ଥାନରେ ସାମୂହିକ ପୂଜାରେ ଯୋଗ ଦେଇଥିଲେ । ଅପରାହ୍ନରେ ମାରାଂବୁରୁ ଦେବତାଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସାମୂହିକ ନୃତ୍ୟ କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ଉଦଘାଟନ କରିଥିଲେ । ଆଧୁନିକ ଚାକଚ୍ୟରେ ହଜି ଯାଉଥିବା ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହୋଇପାରିଛି ବୋଲି ଶ୍ରୀ ମାଝୀ କହିଥିଲେ । ଅନ୍ୟପକ୍ଷରେ ପରିବାରର ସମସ୍ତଙ୍କ କୁଶଳ ମଙ୍ଗଳ ଓ ଆଦିବାସୀ ସମାଜର କଲ୍ୟାଣ ନିମନ୍ତେ ଏହି ଉତ୍ସବ ଆୟୋଜିତ ହୋଇଥାଏ ବୋଲି ଯୁବକ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ଆଦିବାସୀ ଦେବାତାଙ୍କ ଆଶୀର୍ବାଦରୁ ସେମାନେ ଶାନ୍ତି ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହ ଜୀବନଯାପନର କାମନା କରି ଏହି ଉତ୍ସବ ପାଳନ କରିଥା'ନ୍ତି ବୋଲି ସେମାନେ କହିଥିଲେ । ମାଦଳ ଓ ଘଣ୍ଟାର ତାଳେ ତାଳେ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ବହୁ ଆଦିବାସୀ ପୁରୁଷ ଓ ମହିଳା ହାତକୁ ହାତ ଧରି ନାଚୁଥିବା ଦେଖିବାକୁ ମିଳିଥିଲା । ସବୁଠିଥିଲା ଆଦିବାସୀ ପରାମ୍ପରାର ଝଲକ । ଏମିତିକି ଆଧୁନିକତା ସ୍ୱର୍ଶ ସହ ଜିନ୍ସ ଓ ଟି ସାର୍ଟ ପିନ୍ଧା ଯୁବଗୋଷ୍ଠୀ ମଧ୍ୟ ଏହି ନାଚରେ ମତୁଆଲା ହେଉଥିବା ଲକ୍ଷ୍ୟ କରାଯାଇଥିଲା । ସଂଧ୍ୟାରେ ଆଦିବାସୀଙ୍କ ନୃତ୍ୟ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା ସହ ଦେବତାଙ୍କ ଆସ୍ଥାନ ନିକଟରେ ପହଞ୍ଚିବା ପରେ ଉତ୍ସବ ଉଦଯାପିତ ହୋଇଥିଲା । ଲାଲ ମୋହନ ହେମ୍ବ୍ରମ, ସୁରେନ ମୁର୍ମୁ, ଦାସ ହେମ୍ବ୍ରମ, ବୁଦ୍ଧିଆ ହେମ୍ବ୍ରମ, ଦାସ ହେମ୍ବ୍ରମ, ଉଦୟ ହେମ୍ବ୍ରମ, ଶ୍ୟାମ ମୁର୍ମୁ, ମହେନ୍ଦ୍ର ମାଝୀ, ଜିତେନ୍ଦ୍ର ମୁର୍ମୁ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ସଟଲର୍ସ ଫୁଲବାଣୀ ପକ୍ଷରୁ ଆୟୋଜିତ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

କନ୍ଧମାଳ,୧୭।୨ (ନି.ପ୍ର): ସଟଲର୍‌ସ୍ ଫୁଲବାଣୀ ଆନୁକୂଲ୍ୟରେ ରବିବାର ଠାରୁ ସ୍ଥାନୀୟ ଇନଡୋର ଷ୍ଟାଡିୟମ ଆରମ୍ଭ ହୋଇଥିବା ଜିଲା ସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଯାପିତ ହୋଇଯାାଇଛି । ଏହି ଟୁର୍ଣ୍ଣାମେଂଟର ଡ଼ବଲ୍ସରେ ମୋଟ ୪୮ଜଣ ଭାଗନେଇଥିବା ବେଳେ ସିଙ୍ଗିଲ୍ସରେ ୮ ଜଣ ଭାଗନେଇଥିଲେ । ଅନୁଷ୍ଠିତ ଟୁର୍ଣ୍ଣାମେ ର ସିଙ୍ଗିଲ୍ ପ୍ରତିଯୋଗିତାର ଫୁଲବାଣୀର ଆଲୋକ କୁମାର ମୁଖୀ ଚମ୍ପିଆନ୍ ହୋଇଥିବା ବେଳେ ବାଲିଗୁଡ଼ା ଅଂଚଳର ସୌମ୍ୟ ରଂଜନ ମଲିକ ରନର୍ସ ହୋଇଥିଲେ । ସେହିଭଳି ଡ଼ବଲ୍ସରେ ସବ୍ୟସାଚୀ ଦଲାଲ ଓ ଆଶିଷ୍ କୁମାର ସେଠୀ ଚମ୍ପିଆନ୍ ହୋଇଥିବା ବେଳେ ପ୍ରଶାନ୍ତ କୁମାର ମହାନ୍ତି ଓ ସୁରେଶ ମହାରଣା ରନର୍ସ ହୋଇଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କନ୍ଧମାଳ ଜିଲାପାଳ ଡ଼.ବୃନ୍ଦା.ଡ଼ି ଯୋଗାଦେଇ ଚମ୍ପିୟାନ୍ ଓ ରନର୍ସ ମାନଙ୍କୁ ପୁରସ୍କୃତ କରିବା ସହିତ ଖେଳର ବିକାଶ ପାଇଁ ଏହା ଏକ ମାଧ୍ୟମ ବୋଲି ତାଙ୍କ ଉଦ୍‌ବୋଧନରେ ପ୍ରକାଶ କରିଥିଲେ । ଏହି ଅବସରରେ ଷ୍ଟାଡ଼ିୟମ୍ ପରିସରରେ ଥିବା ବ୍ୟାଡ଼ିମ ନ ପିଚ୍‌ର ଉନ୍ନତି କରଣ ପାଇଁ ଫୁଲବାଣୀ ସଟଲର୍ସ ପକ୍ଷରୁ ନିବେଦନ କରାଯାଇଥିଲ । ଅଶୋକ କୁମାର ମହାନ୍ତିଙ୍କ ସଂଯୋଜାନାର ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିଡ଼ା ସଂସଦ ସଂପାଦକ ଶିବ ପ୍ରସାଦ ତ୍ରିପାଠୀ, ଶିକ୍ଷାବିତ୍ ବିଜୟ କୃଷ୍ଣ ପଟନାୟକ, କର୍ମଚାରୀ ସଂଗ୍ରାମ ସମିତି ସଭାପତି ବ୍ରଜ କିଶୋର ପଟନାୟକ ଓ ବରିଷ୍ଠ ଉପଦେଷ୍ଟା ଅଶୋକ କୁମାର ପଟନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ସଭାପତି ପଦ୍ମଚରଣ ମହାନ୍ତି ସଭାକାର୍ଯ୍ୟ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନି ଉତ୍ସବ ଅବସରରେ ବାଲିଗୁଡ଼ା ଅଂଚଳର ୪ ଜଣ ମହିଳା ଖେଳାଳିଙ୍କ ଦ୍ୱାରା ଏକ ପ୍ରଦର୍ଶନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲ । ଟୁର୍ଣ୍ଣାମେଂଟ ପରିଚାଳନାରେ ସଂପାଦକ ସବ୍ୟସାଚୀ ଦଲାଲ,କୋଷାଧ୍ୟକ୍ଷ ରବି ନାରାୟଣ ପାତ୍ର,ସଂଗଠନ ସଂପାଦକ ଦୀପକ ରଞ୍ଜନ ମହାନ୍ତି, ସଦସ୍ୟ ସୁବ୍ରତ ପାଣିଗ୍ରାହି, ସ୍ୱରୂପ ନାୟକ,ଆଶୀଷ ନାୟକ,ପ୍ରମୋଦ୍ ସାହୁ,ବୁନା ପ୍ରଧାନ,ସନ୍ତୋଷ ସାହୁ, ମହେଶ କୁମାର ସୁବୁଦ୍ଧି,ସଞ୍ଜିବ କୁମାର ଦାଶ, ସନ୍ତୋଷ ସାହୁ ଓ ଆଶିଷ୍ ସେଠୀଙ୍କ ସମେତ ଅନ୍ୟମାନେ ପରିଚାଳନା କରୁଛନ୍ତି । କୋଭିଡ୍ ନିୟମ ପ୍ରକାରେ ଏହି ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେକ ଦିନ ବହୁ ଦର୍ଶକ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ସରକାରଙ୍କ 'ଶିକ୍ଷା ଦର୍ପଣ' ଦେଖି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଢ଼ିଲା ମାନସିକ ଚାପ

ଉଦଳା ,୧୭।୨ (ନି.ପ୍ର): ଦଶମ ଶ୍ରେଣୀରେ ବର୍ତ୍ତମାନ ପଢ଼ା ଯାଉଥିବା ଇଂରାଜୀ ପାଠ୍ୟ ପୁସ୍ତକ 'ସ୍କିଲ୍ସ ଅଫ କମ୍ୟୁନିକେଟିଭ ଇଂଲିଶ' ରେ 'ଏ ଗ୍ରେଟ ସନ୍ ଅଫ ଇଣ୍ଡିଆ' ନାମକ ଏକ ବିଷୟ ରହିଛି । ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନ ଓଡ଼ିଶା ରୁ ପ୍ରକାଶିତ ଏହି ପାଠ୍ୟ ପୁସ୍ତକର ଶେଷରେ ପୃଷ୍ଠା ୧୪୬ରେ ଉକ୍ତ ବିଷୟରୁ ପରୀକ୍ଷାରେ କୌଣସି ପ୍ରଶ୍ନ ଆସିବ ନାହିଁ ବୋଲି ସ୍ପଷ୍ଟ ଘୋଷରା କରାଯାଇଛି । ସେହି ଅନୁସାରେ ବିଗତ ଦିନରେ ମାଟ୍ରିକ ପରୀକ୍ଷାରେ ଏହି ବିଷୟରୁ କୌଣସି ପ୍ରଶ୍ନ ଆସି ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବରେ ଚଳିତ ବର୍ଷ ଓଡ଼ିଶା ସରକାର ଓ ଗଣଶିକ୍ଷା ବିଭାଗରୁ ସଦ୍ୟ ପ୍ରକାଶିତ 'ଶିକ୍ଷା ଦର୍ପଣ'ରେ ମାଟ୍ରିକ ପରୀକ୍ଷା ପାଇଁ ଯେଉଁ ପ୍ରଶ୍ନପତ୍ରର ନମୁନା ଦିଆଯାଇଛି, ସେଥିରେ ଉକ୍ତ ବିୟେରୁ ମଧ ପ୍ରଶ୍ନ ରହିଛି । ଏହା ଦେଖି ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । କରୋନା ପାଇଁ ତାଲା ବନ୍ଦର ପ୍ରଭାବ ଯୋଗୁଁ ବିଦ୍ୟାଳୟରେ ପାଠପଢ଼ାଯାଇ ପାରୁ ନଥିବା ବେଳେ ପୁଣି ଗଣଶିକ୍ଷା ବିଭାଗର ଏଭଳି କାର୍ଯ୍ୟକଳାପ ସମସ୍ତଙ୍କୁ ଚିନ୍ତିତ କରିଛି । ଏହାଦ୍ୱାରା ସରକାର ଘୋଷଣା କରିଥିବା ୩୦ ପ୍ରତିଶତ ପାଠ୍ୟକ୍ରମ କିପରି କମିଲା ତାହା ବୁଝି ହେଉ ନାହିଁ । ଏ ବାବଦରେ ସରକାର ତୁରନ୍ତ ସ୍ପଷ୍ଟିକରଣ ଦିଅନ୍ତୁ ବୋଲି ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଞ୍ଚ'ର କର୍ମୀ ସୁବ୍ରତ କୁମାର ମହାନ୍ତି ଅନୁରୋଧ କରିଛନ୍ତି ।

# ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟର ସାହିତ୍ୟ ସଭା




ବାଲେଶ୍ୱର,୧୭।୨ (ନି.ପ୍ର): ପ୍ରଗତିଶୀଳ ସାରସ୍ୱତ ଅନୁଷ୍ଠାନ, 'ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ' ପକ୍ଷରୁ ଏକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ, ରାଜଘାଟ ସାଇ ଟେକ୍ନୋପ୍ଲାଜା ସଭାଗୃହରେ ସାହିତ୍ୟିକ ତଥା ମାଲକାନଗିରି ଜନଆନ୍ଦୋଳନର ଉପଦେଷ୍ଟା ବିଜୟ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ଅଧକ୍ଷ ଡ.(ଇଂ) ହୃଷିକେଶ ସାହୁ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଆଲୋଚନା ସଭାର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟ ହିଁ ସମାଜର ଆତ୍ମା ଓ ସାହିତ୍ୟ ଜୀବନର ପ୍ରତିଚ୍ଛବି । ତେଣୁ ଜୀବନକୁ ଲୋକାଭିମୁଖୀ କରି ଜନଜୀବନର କଥାକୁ ପ୍ରତିଫଳିତ କରି ସର୍ବବ୍ୟାପୀ କରିବାରେ ଏହାର ଭୂମିକା ହେବା ଉଚିତ ବୋଲି ଆଲୋଚକମାନେ ଏହି ସାହିତ୍ୟ ସଭାରେ ମତପ୍ରକାଶ କରିଥିଲେ । ଟ୍ରଷ୍ଟର ସଦସ୍ୟ ଡା. ଅରୂପ ଅଭିଷେକ ଏହି କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ । ଗାଳ୍ପିକ ଶିତାଂଶୁ ସେନାପତି, କବି ଇଂ. କାର୍ତ୍ତିକ ବାରିକ, ତୁଳସୀ ବେଜ, ଗୋବିନ୍ଦ ଦଳାଇ, ଗୌରାଙ୍ଗ ପାଣିଗ୍ରାହୀ, ବିକର୍ତ୍ତନ କବି, ଏହି ଅବସରରେ ବୈପ୍ଳବିକ କବିତା ପାଠ କରିଥିବାବେଳେ ବାମପନ୍ଥୀ ସଂଗଠକ ଶିଶିର ହୁଇ, ନିରଂଜନ ପରିଡ଼ା, ଦିଲ୍ଲୀପ ଗିରି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି, ରାଜେନ୍ଦ୍ର ନାଥ ବେହେରା, ଇଂ. ବନମାଳୀ ନାୟକ, ସନ୍ୟାସୀ ଚରଣ ପ୍ରଧାନ, କମଳ ଚକ୍ରବର୍ତ୍ତୀ, ନୀଳାମ୍ବର ସାହୁ, ବୀରେନ୍ଦ୍ର କୁମାର ଜେନା ପ୍ରମୁଖ ପ୍ରଗତିଶୀଳ ଓ ଲୋକାଭିମୁଖୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଟ୍ରଷ୍ଟର ସଦସ୍ୟ ଇଂ. କାର୍ତ୍ତିକ ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଟିଆରେ ପ୍ରଶାସନିକ ସ୍ତରରେ ଅବହେଳା ହୋଇଛି : ସୌମ୍ୟରଂଜନ

ଭୁବନେଶ୍ୱର,୧୭।୨ (ନି.ପ୍ର): କୋଟିଆ ପରିସ୍ଥିତି ଏପରି ଅବସ୍ଥାରେ ପହଂଚିବା ନେଇ ପ୍ରଶାସନିକ ସ୍ତରରେ ଅବହେଳା ହୋଇଥିବା ମୁଁ ସେ ସ୍ୱୀକାର କରୁଛି । କୋଟିଆ ପ୍ରସଙ୍ଗରେ ଆଗରୁ ଚାହିଁଥିଲେ ସମାଧାନ ହୋଇପାରିଥାଆନ୍ତା । କିନ୍ତୁ ବିଳମ୍ବରେ ହେଲେ ମଧ୍ୟ ସରକାର ଲଢ଼େଇ ପାଇଁ ବାହାରିଛନ୍ତି । ତେଣୁ ସଭିଏଁ ମିଳିମିଶି ଏହି ପ୍ରସଙ୍ଗରେ ଛିଡ଼ା ହେବା କଥା । କୋଟିଆ ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି ବିଜେଡି ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଏହା କହିଛନ୍ତି । ସେ ରାଜ୍ୟ ରାଜ୍ୟ ମଧରେ ସୀମାକୁ ନେଇ ସମସ୍ୟା କିଛି ନୂଆ କଥା ନୁହେଁ । ଏଇ ଯେପରି ଛତିଶଗଡ଼ ସହ ଆମର ମହାନଦୀକୁ ନେଇ ବିବାଦ ଚାଲିଛି ।

# ନୀଳଗିରିର ବିଭିନ୍ନ ସ୍ଥାନରେ ମା' ବାଗଦେବୀଙ୍କ ପୂଜାର୍ଚ୍ଚନା



ନୀଳଗିରି,୧୭।୨ (ନି.ପ୍ର): ଋତୁରାଜ ବସନ୍ତ ଆଗମନରେ ଧରାବତୋରଣ କରିଛନ୍ତି ବିଦ୍ୟାଦାତ୍ରୀ ମା ସରସ୍ୱତୀ । ବସନ୍ତ ପଂଚମୀ ତିଥିରେ ଦେବୀ ସରସ୍ୱତୀଙ୍କ ପୂଜା ଉପଖଣ୍ଡର ନୀଳଗିରି ସହର ସମେତ ବହୁ ଗ୍ରାମାଂଚଳ , ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ କୋଭିଡ କଟକଣାରେ ପୂଜାର୍ଚ୍ଚନା କରାଯାଇଛି । ଚଳିତ ବର୍ଷ କରୋନା କଟକଣା ଯୋଗୁଁ ଦୀର୍ଘ ଏକ ବର୍ଷ ଧରି ଶିକ୍ଷାନୁଷ୍ଠାନ ମାନ ବନ୍ଦ ଥିବା ଯୋଗୁଁ ପୂଜାରେ ସେଭଳି ସାଜସଜ୍ଜା ନଥିଲେ ମଧ କିଛି ଅନୁଷ୍ଠାନ ମାନଙ୍କରେ ବାଗଦେବୀଙ୍କ ପୂଜାପାଠ ରୀତିନିତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି । ନୀଳଗିରି ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କର ମୃଣ୍ମୟ ମୂର୍ତ୍ତିକୁ ଡିଭାଇନ ଟ୍ୟୁଟୋରିଆଲ ପରିସରରେ ପୂଜା କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବୋଧାନରେ ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ପୂଜାରେ ଭାଗ ନେଇ ମାଙ୍କୁ ଆରାଧନା କରିଥିଲେ । ଏତଦବ୍ୟତିତ ନୀଳଗିରି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ରତ୍ନାକର ଟାଉନ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, କେସି ହାଇସ୍କୁଲ, ମହାଲକ୍ଷ୍ମୀ ଇଂଞ୍ଜିନିୟରିଂ କଲେଜ, ସଂସ୍କୃତ ମହାବିଦ୍ୟାଳୟ ବ୍ୟତିତ ଅଯୋଧା , ବରହମପୁର, ସଜନାଗଡ, ମାଟିଆଳି, ଛତ୍ରପୁର, ଗୋହିରା, ପିଠାହଟା, ସନ୍ତରାଗଡିଆ, ଶ୍ୟାମସୁନ୍ଦରପୁର, ପାଟପୁର, ମିତ୍ରପୁର, କଟାବର୍ଣିଆ, ଧୋବିଶିଳା ଆଦି ସ୍ଥାନ ମାନଙ୍କରେ ମା ବାଗଦେବୀଙ୍କର ପୂଜାର୍ଚ୍ଚନା ନିରାଡମ୍ବର ଭାବରେ ପାଳିତ ହୋଇଯାଇଥିବା ଜଣାପଡିଛି ।

# ଏଯାଏଁ ମିଳିନି କ୍ଷତିଗ୍ରସ୍ତଙ୍କୁ ଫନି ଘରଭଙ୍ଗା ସହାୟତା : ସାଧାରଣରେ ତୀବ୍ର ଅସନ୍ତୋଷ

କଣାସ, ୧୬ ଫେବୃଆରୀ (ହି.ସ.)- ପୁରୀ ଜିଲ୍ଲା କଣାସ ବ୍ଲକରେ ସାମୁଦ୍ରିକ ଝଡ଼ ଫନି ୨୦୧୯ ମସିହା ମଇ ୩ ତାରିଖ ଦିନ ବ୍ୟାପକ କ୍ଷୟକ୍ଷତି ଘଟାଇ ଥିବାବେଳେ ବର୍ତମାନ ସୁଦ୍ଧା ଫନିରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ମିଳିନଥିବାରୁ କ୍ଷତିଗ୍ରସ୍ତ ପରିବାର ବାରମ୍ବାର ତହସିଲଦାରଙ୍କ ନିକଟକୁ ଦୌଡି ଦୌଡି ହତାସ ହେବା ସହିତ ଆସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଆଗାମୀ ଦିନରେ ଉକ୍ତ ପରିବାର ଗୁଡିକ ଆନ୍ଦୋଳନପନ୍ଥା ଗ୍ରହଣ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି, ଫନି ବାତ୍ୟା ପରେ ତୁରନ୍ତ କ୍ଷତିଗ୍ରସ୍ତ ବାସଗୃହ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର କହିବା ପରେ ରାଜ୍ୟ ସରକାର ତହସିଲଦାର ମାନଙ୍କୁ ବାସଗୃହ ହରାଇଥିବା ଲୋକମାନଙ୍କ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେବାସହ କ୍ଷତିପୂରଣ ଅର୍ଥ ତହସିଲଦାରଙ୍କ ନିକଟକୁ ପଠାଇ ଦେଇଥିଲେ । ବାସଗୃହ ଚିହ୍ନଟ ସମୟରେ ବ୍ୟାପକ ଅର୍ଥ କାରବାର ଚାଲିବା କଥା ତତ୍କାଳୀନ ଜିଲ୍ଲାପାଳଙ୍କ ନିକଟରେ ପହଂଚିବା ପରେ ତିନି ତିନି ଥର ବିଭିନ୍ନ ଅଧିକାରୀମାନେ ତଦନ୍ତ କରିଥିଲେ ସେଥିରେ ମଧ ବହୁ ପକ୍କାଘର ବାଲା କ୍ଷତିପୂରଣ ଅର୍ଥ ହାତେଇ ନେଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପହଂଚିବା ପରେ ଜିଲ୍ଲାପାଳ ଘରଭଙ୍ଗା ସହାୟତା ବନ୍ଦ ରଖିବା ସହିତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରିଦେଇଥିଲେ । ନୂତନ ତହସିଲଦାର ୬ ମାସ ହେଲା କାର୍ଯ୍ୟରେ ଯୋଗଦେଇଥିଲେ ମଧ ଫନି ସହାୟତା ଅର୍ଥ ପ୍ରକୃତ ହିତାଧିକାରୀମାନଙ୍କୁ ଦେଇ ନଥିବାରୁ ପ୍ରତ୍ୟେକ ଦିନ ବହୁ ହିତାଧିକାରୀ ତହସିଲଦାରଙ୍କ ନିକଟକୁ ସହାୟତା ପାଇଁ ଦୌଡି ଦୌଡି ନିରାଶ ହେବାସହ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ବହୁ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି । ମୁଁ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଗାଁକୁ ଗାଁ ଯାଇ ତଦନ୍ତ କରି ହିତାଧିକାରୀମାନଙ୍କୁ ସହାୟତା ରାଶି ଯୋଗାଇ ଦେବି ବୋଲି ପ୍ରକାଶ କରିଛନ୍ତି ।

# ମସୁଦପୁରରେ ଜଗନ୍ନାଥ ମନ୍ଦିର ଭୂମି ପୂଜନ

କୋରେଇ,୧୭।୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଂଚାୟତର ମସୁଦପୁରସ୍ଥିତ ଖାଙ୍କେଶ୍ୱର ଶିବ ମନ୍ଦିର ନିକଟରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଛି । ଖୋରସ୍ରୋତା ନଦୀ କୂଳରେ ଏହି ଚଗନ୍ନାଥ ମନ୍ଦିର ନିର୍ମାଣର ପରିକଳ୍ପନା କରାଯାଇଛି । ପବିତ୍ର ମାଘ ପଂଚମୀ ଅବସରରେ ଏହାର ଭୂପୂଜନ କରାଯାଇଥିଲା । ବିଧି ଅନୁଯାୟୀ ପ୍ରବୀଣ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜା ପାଠ କରାଯଶଇଛି । ଇନ୍ଦ୍ରମଣି ମହାନ୍ତି, ଶରତ ନାୟକ, ସନ୍ତୋଷ ସାହୁ, ତାରକେଶ୍ୱର ମହାନ୍ତି, ଦେବାଶିଷ ଦାସ, ମିତିନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମାଝି ପାରଗାନାମାନଙ୍କର କୁଶପୁତ୍ତଳିକା ଦାହ

## ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତୀ ଆଗରେ କୁଶପୁତ୍ତଳିକା ଦାହ




ବାରିପଦା,୧୭।୨ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନ ପକ୍ଷରୁ ଜୋନାଲ ସଭାପତି ନାରାଣ ମୁର୍ମୁ, ଅନ୍ୟାନ୍ୟ କର୍ମକର୍ତ୍ତା ମାଧବ ଚନ୍ଦ୍ର ମୁର୍ମୁ, ମୋହନ ସୋରେନ, ସିଧିଲାଲ ମୁର୍ମୁ, ଦୁଃଖିରାମ ସୋରେନ, ଚୈତନ୍ୟ ହେମ୍ବ୍ରମ, ଭିଲୁ ମୁର୍ମୁ, ମଙ୍ଗଲ ମୁର୍ମୁ, ଜୟରାମ ହାଁସଦା, ହାଡିବନ୍ଧୁ ହେମ୍ବ୍ରମ, ପିଥ ହାଁସଦା ପ୍ରମୁଖଙ୍କ ନେତୃତ୍ୱରେ ଆଜି ବହୁ ଆଦିବାସୀ ସଦସ୍ୟ ଏକତ୍ରିତ ହୋଇ ବିଶିଷ୍ଟ ଆଦିବାସୀ ନେତା ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତୀ ସ୍ଥଳ ଭପୁର ଠାରେ ମାଝିପାରଗାନା ମାନଙ୍କର ସାମୁହିକ କୁଶପୁତ୍ତଳିକା ଦାହ କରାଯାଇଥିବାର ଦେଖାଯାଇଛି । ମାଝି ପାରଗାନା ମାନେ ପୁରୁଣା ପ୍ରଥା ପରଂପରା ନାମରେ ଅନ୍ଧବିଶ୍ୱାସ, କୁସଂସ୍କାରର ଆଶ୍ରୟ ନେଇ ସରଳ ଆଦିବାସୀ ମାନଙ୍କୁ ଇର୍ଷା ଦ୍ୱେଷ ନାମରେ ଅନ୍ୟ ମାନଙ୍କ ସହ ଲଢାଇବା, ଗଣତାନ୍ତ୍ରିକ ଭାବରେ ଶିକ୍ଷିତ ଆଦିବାସୀ ମାନଙ୍କୁ ମାଝିପାରଗାନା ବ୍ୟବସ୍ଥାରେ ସୁଯୋଗ ନଦେବା, ଆଦିବାସୀ ମହିଳା ମାନଙ୍କର ଅଧିକାର ସଂକୁଚିତ କରିବା, ସମାଜରେ ଭୋଟକିଣା ବିକା କରିବାର ସୁଯୋଗସୃଷ୍ଟି କରିବା ଭଳି କାର୍ଯ୍ୟମାନ କିଛି ନେତାଙ୍କ କଥାରେ କରୁଥିବାରୁ ଆଦିବାସୀ ସଶକ୍ତିକରଣ ଅଭିଯାନ ମାଧ୍ୟମରେ ଆଦିବାସୀ ମାନଙ୍କର ଭାଷା, ସାର୍ନାକୋଡ, ଇଜ୍ଜତ, ଆବାଦୀ, ରୋଜଗାର, ଚାଷବାସ, ଚାକିରି ଆଦି ଦିଗରେ ଆଦିବାସି ମାନଙ୍କୁ ଏକତ୍ରିତ କରି ସଚେତନ କରିବା ପାଇଁ ଓଡିଶା କୁ ମିଶାଇ ୫ଟି ପ୍ରଦେଶ ଆସାମ, ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡରେ ମାଝିପାରଗାନା ମାନଙ୍କର କୁଶପୁତ୍ତଳିକା ଆକ୍ରୋଶ ମୂଳକ ଭାବରେ ଦାହ କରାଯାଇଥିବାର ଜଣାଯାଇଛି । ଆଜିର ଏହି କାର୍ଯ୍ୟକ୍ରମ ପୂର୍ବତନ ମୟୂରଭ ସାଂସଦ ବିଶିଷ୍ଟ ଆଦିବାସୀ ନେତା ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ, କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମରେ ମୟୂରଭ ଜିଲ୍ଲାର ୬ଟି ବ୍ଲକ ସାରସକଣା, ଶ୍ୟାମାଖୁଂଟା, ବାଙ୍ଗିରିପୋଷୀ, କୁଲିଅଣା, ଖୁଂଟା, ବେତନଟି ଓ ବାରିପଦା ବ୍ଲକରୁ ଆସିଥିବା ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ହିନ୍ଦୁଧର୍ମ ରକ୍ଷକ ସଂଗଠନ ପକ୍ଷରୁ ମଶାଲ ଶୋଭାଯାତ୍ରା

ବାଲେଶ୍ୱର,୧୭।୨ (ନି.ପ୍ର): ଅଯୋଧା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ପକ୍ଷରୁ ଚାଲିଥିବା ନିଧି ସଂଗ୍ରହ ଅଭିଯାନରେ ସାମିଲ ହୋଇଥିବା ଦିଲ୍ଲୀର ମଙ୍ଗଲପୁର ନିବାସୀ ରିଙ୍କୁ ଶର୍ମାଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ଦେଶ ବ୍ୟାପୀ ପ୍ରତିବାଦର ସ୍ୱର ଉଠିଥିବା ବେଳେ ବାଲେଶ୍ୱରରେ ମଧ ଅନୁରୂପ ପ୍ରତିକ୍ରିୟା ପରିଲକ୍ଷିତ ହୋଇଛି । ହତ୍ୟାକାଣ୍ଡରେ ଜଡିତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲେଶ୍ୱର ହିନ୍ଦୁଧର୍ମ ରକ୍ଷକ ସଂଗଠନ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜଣେ ରାମ ଭକ୍ତ ଭାବେ ରିଙ୍କୁ ଶର୍ମା ଅଯୋଧା ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ କରୁଥିଲେ, ଯାହାକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର କିଛି ବ୍ୟକ୍ତି ତାଙ୍କୁ ବିରୋଧ କରୁଥିଲେ । ସମ୍ପୃକ୍ତ ବ୍ୟକ୍ତିମାନେ ଅତର୍କିତ ଭାବେ ରିଙ୍କୁଙ୍କ ଘର ଉପରେ ଆକ୍ରମଣ ସହ ତାଙ୍କୁ ହତ୍ୟା କରିଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରମାଣିତ ହୋଇଥିବା ସତ୍ତ୍ୱେ ଦୋଷୀଙ୍କ ବିରୋଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ । ବିଗତ କିଛି ବର୍ଷ ଧରି ଦିଲ୍ଲୀରେ ହିନ୍ଦୁମାନଙ୍କ ଉପରେ ଅନୁରୂପ ଭାବେ ବର୍ବରୋଚିତ କାଣ୍ଡ ଘଟୁଥିଲେ ବି କାର୍ଯ୍ୟାନୁଷ୍ଠାନ ଅଭାବରୁ ଆତଙ୍କବାଦୀଙ୍କ ଭଳି କାର୍ଯ୍ୟକରୁଥିବା ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଦିନ କୁ ଦିନ ବଢି ଚାଲିଛି । ଏହି ହତ୍ୟା ଘଟଣାକୁ ନେଇ ସମସ୍ତେ ବ୍ୟଥିତ ଥିବା ବେଳେ ସମଗ୍ର ହିନ୍ଦୁ ସମାଜ ଏକଜୁଟ ହେବାର ସମୟ ଆସି ପହଞ୍ଚିଛି ବୋଲି କର୍ମକର୍ତ୍ତାମାନେ କହିଥିଲେ । ଶାନ୍ତିପ୍ରିୟ ହିନ୍ଦୁମାନଙ୍କ ମଧ୍ୟରେ ଏକତା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିବା ସେମାନେ ସୂଚନା ଦେଇଥିଲେ । ଏହି ଶୋଭାଯାତ୍ରା ଟାଉନଥାନା ଛକ ଶିବମନ୍ଦିରରୁ ବାହାରି ଶହୀଦ ପାର୍କଠାରେ ଶେଷ ହୋଇଥିଲା । ବିଶ୍ୱଜିତ ଖଟୁଆ, ସଂଜୟ ମହାପାତ୍ର, ଚିତ୍ତରଂଜନ ପଣ୍ଡା, ଅଜିତ ମିଶ୍ର, ଭାଗ୍ୟରଂଜନ ନନ୍ଦ, ବିକାଶ ପାଢ଼ୀ, ପବନ କୁମାର କମିଲା, ମୁନା ମହନ୍ତ, ସାଧବ ଦାସ, ମିହିର ପାଢ଼ୀ, ଅରୂପ ଜେନା, ଗୋପାଳ ଶତପଥୀ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ହାତୀ ଡରୁଥିବା ଅନ୍ଧାରୀ ଗାଁ

ଦିଲ୍ଲୀପ କୁମାର ସାହୁ



ରାତି ହେଲେ ସେହି ବାଟଦେଇ ହାତୀମାନେ ଯାତାୟାତ କରନ୍ତି, ହେଲେ ସେ ଗାଁ ଆଡେ ଆଡଆଖିରେ ଚାହାଁନ୍ତିନି କି ଗାଁ ଲୋକଙ୍କର କିଛି କ୍ଷତି କରନ୍ତିନି । ଗାଁର ଗ୍ରାମଦେବତୀଙ୍କ କରୁଣାରୁ ବଣୁଆ ଜୀବଜନ୍ତୁଙ୍କ ନଜରରୁ ସୁରକ୍ଷିତ ରହୁଥିବା, ବଣଜଙ୍ଗଲ ଭରା ବଣପାହାଡଘେରା ସେହି ଗାଁଟି ହେଲା ବାଁଝିଆମ୍ବା । କଟକ ସହରଠାରୁ ମାତ୍ର ଚାଳିଶ କିଲୋମିଟର ଦୂରରେ ଅବସ୍ଥିତ ଏହି ଆଦିବାସୀ ଗାଁଟି ଆଜି ମଧ୍ୟ ଏକ ଅନ୍ଧାରୀ ମୂଲକ। ଗାଁର ଲୋକମାନେ ସମସ୍ତେ ଶଅର ସମ୍ପ୍ରଦାୟର ଆଦିବାସୀ। ଦୁର୍ଭାଗ୍ୟର କଥା ହେଲା ଗାଁର କୌଣସି ପିଲା ଲେଖିପଢି ଜାଣିନାହାଁନ୍ତି ।

ମୋ ଗାଁର ନାଁ ଚାରବାଟିଆ- ଶଙ୍କରପୁର । ମୋ ଗାଁ ଠାରୁ ବାଁଝିଆମ୍ବାର ଦୂରତା ମାତ୍ର ପନ୍ଦର କିଲୋମିଟର । ସେ ଗାଁକୁ ଦେଖିବା ପାଇଁ ମୋର ସବୁବେଳେ ଇଛା ହୁଏ ହେଲେ ସୁଯୋଗ ମିଳେ ନାହିଁ ।



କଟକ ବାସିନ୍ଦା ମୋର ଜଣେ ବନ୍ଧୁ ଅଶୋକ ମହାନ୍ତି ଏକଦା ଆମ ଗାଁ ପାଖ ଡମଡମଣୀ ବୁଲି ଆସିଥିଲେ। ସେ ପେଶାରେ ଜଣେ କ୍ୟାମେରାମ୍ୟାନ୍ । କଟକ ସହରଠାରୁ ମାତ୍ର ଛବିଶ କିଲୋମିଟର ଦୂରରେ ଅବସ୍ଥିତ ଡମଡମଣୀ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ଥାନର ଶୋଭା ବନ୍ଧୁଙ୍କୁ ମୋର ଖୁବ୍ ଭଲ ଲାଗିଥିଲା । ବିଶେଷକରି ଡମଡମଣୀର ଡ୍ୟାମ, ଜଳଭଣ୍ଡାର ଓ ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ପାହାଡ ପର୍ବତ ତାଙ୍କୁ ଖୁବ୍ ଆନନ୍ଦ ଦେଇଥିଲା । ସେହି ଜଙ୍ଗଲ ଭିତରେ ରହିଛି ସେହି ଛୋଟିଆ ଆଦିବାସୀ ଗାଁ ବାଁଝିଆମ୍ବା। ସେହି ଗାଁକୁ ବୁଲି ଦେଖିବା ନିମନ୍ତେ ବାବୁଙ୍କର ଖୁବ୍ ଇଛା ହେଲା । ସମୟ ସେତେବେଳେ ଚାରିଟା ବାଜି ଯାଇଥାଏ । ସଞ୍ଜ ହୋଇ ଆସିଲେ ହାତୀ ବାହାରନ୍ତି । ତେଣୁ ସେହି ଜଙ୍ଗଲୀ ଗାଁ ବୁଲିବାର ନିଶାକୁ ଆଉ ଦିନେ ପାଇଁ ରଖି ସେ ଫେରି ଆସିଥିଲେ। ବାଟରେ ଆମ ଗାଁ ଶଙ୍କରପୁରରେ ମୋତେ ଭେଟି ତାଙ୍କ ମନ କଥା ବଖାଣିଥିଲେ ଓ କଟକ ପ୍ରତ୍ୟାବର୍ତ୍ତନ କରିଥିଲେ ।

ମାସଟିଏ ବିତିଗଲା। ବନ୍ଧୁ ଅଶୋକଙ୍କ ମନେପଡିଗଲା ବାଁଝିଆମ୍ବା ଗାଁ କଥା ।

ବାଇକ୍ ଧରି ପହଞ୍ଚିଗଲେ ଆମ ଗାଁରେ । ସମୟ ଦଶଟା ବାଜିଥାଏ । ଆମେ ବାହାରିଲୁ ଆମ ଗନ୍ତବ୍ୟ ସ୍ଥଳକୁ । ପ୍ରଥମେ ପହଞ୍ଚିଲୁ ଡମଡମଣୀରେ। ସେଦିନଥାଏ ବୁଧବାର । ଆଇଁଶଖିଆ ବାରି । ତେଣୁ ବଣଭୋଜି ପାଇଁ ଡମଡମଣୀ ପୀଠରେ ଗହଳି ଆରମ୍ଭ ହୋଇଯାଇଥାଏ । ଆମେ ମାଆ ଡମଣୀଙ୍କ ପାଖରେ ଜୁହାର ହୋଇ ଆଗେଇ ଚାଲିଲୁ ।

କିଛିବାଟ ପରେ ଡମଡମଣୀ ଜଳଭଣ୍ଡାର ।

ଅପୂର୍ବ ଶୋଭାରେ ଭରା ସେହି ସ୍ଥାନରେ ସେଦିନ ପର୍ଯ୍ୟଟକ ମାନଙ୍କର ଭିଡ । ସମସ୍ତେ ଫଟୋ ଉଠାଇବାରେ ବ୍ୟସ୍ତ ଥାଆନ୍ତି । ଆମେ ମଧ୍ୟ ଫଟୋ ଉଠାଇଲୁ । ଜଳଭଣ୍ଡାର କଡେକଡେ ଆଠ କିଲୋମିଟର ଗଲେ ବାଁଝିଆମ୍ବା ଗାଁ । ସେଠାରେ ଜଙ୍ଗଲ ବିଭାଗ ପକ୍ଷରୁ ବୋର୍ଡ ଲାଗିଥାଏ, 'ହାତୀ ମାନଙ୍କ ଚଲାପଥ' । ମାଆ ଡମଣୀଙ୍କୁ ସ୍ମରଣ କରି ସେହି ଚଲାପଥରେ ଆମେ ଯାତ୍ରାକଲୁ ।

ଦୁଇପଟେ ଜଙ୍ଗଲ । ମଝିରେ ସଂକୀର୍ଣ୍ଣ ରାସ୍ତା । ବାଟସାରା ହାତୀମାନଙ୍କର ମଳ ।

ବାଁଝିଆମ୍ବା ଦେଖିବା ପାଇଁ ଯେତିକି ଉତ୍ସାହ ହାତୀଙ୍କ ଚରାଭୂଇଁ ପାଇଁ ସେତିକି ଭୟ ।

ରାସ୍ତାରେ ଆମ ଗାଁଆଖର ଜଣେ ଚିହ୍ନା କାଠ ଗୋଟାଳିଙ୍କ ସହ ଦେଖାହେଲା । ସେ ଅଭୟ ବାଣୀ ଦେଲେ ଯେ ଦିନରେ ହାତୀମାନେ ରାସ୍ତାକୁ ବାହାରନ୍ତିନି । ସେହି ଅଭୟ ବାଣୀକୁ ଭରସା କରି ଆଗେଇ ଚାଲିଲୁ, ଉଠାଣି ଗଡାଣିରେ ଭରା ଜଙ୍ଗଲ ରାସ୍ତାରେ ।

ହାତୀ ସିନା ବାହାରିବେ ନାହିଁ ବୋଲି ମନରେ ସାହସ ଭରିଗଲା, ହେଲେ କିଛିବାଟ ଯିବାପରେ ଦେଖିଲୁ ବିରାଟ ସାପଟିଏ ରାସ୍ତା ଅତିକ୍ରମ କରୁଥାଏ । ଲାଗୁଥିଲା ଅହୀରାଜ ପରି । ଛାତି ଥରି ଉଠିଲା । ଆମେ ଗାଡି ବନ୍ଦ କରି ଅଟକିଗଲୁ । ସାପଟି ତା ବାଟରେ ଚାଲିଗଲା । ପୁଣି ସାହସ ବାନ୍ଧି ଆମେ ଆଗକୁ ଚାଲିଲୁ । ତାପରେ କିନ୍ତୁ ଟିକିଏ କଣ ଅସ୍ୱଭାବିକ ଶବ୍ଦ ହେଲେ ଆମେ ଡରି ଯାଉଥିଲୁ । ଏମିତି ଡରିଡରି ସାତ ଆଠ କିଲୋମିଟର ଯିବାପରେ ଦେଖିଲୁ ରାସ୍ତା ବନ୍ଦ । କିନ୍ତୁ ଗଛ ଉହାଡରୁ ଖସ୍ ଖାସ୍ ଶବ୍ଦ ଆସୁଥାଏ । ଶବ୍ଦ ଶୁଣି ଭୟ ଲାଗିବା ସହିତ ବାଟ ଭୁଲ୍ ହୋଇଗଲା କି କଣ ଏଇଆ ଭାବୁଭାବୁ ଦେଖିଲୁ କିଛି ପିଲା ତାଳ ପତ୍ର ଧରି ଗଛ ଉହାଡରୁ ବାହାରିଲେ । ତାଙ୍କୁ ଦେଖି ଦେହରେ ଜୀବନ ପସିଗଲା ଯେମିତି । ତାଙ୍କଠାରୁ ଜାଣିଲୁ ସେହିଠାରେ ବଣ ଉହାଡରେ ସେମାନଙ୍କ ଗାଁ ବାଁଝିଆମ୍ବା ।

ବାହାରକୁ କିଛି ଜଣାପଡେନାହିଁ । କାରଣ ଗାଁ ଭିତରକୁ ରାସ୍ତା ନାହିଁ । ପାଦଚଲା ରାସ୍ତାରେ ତାଳପତ୍ର ଆଡେଇ ଯିବାକୁ ପଡେ ଗାଁ ଭିତରକୁ । ସେଠାରେ ଥିବା ପଡିଆ ପାଖରେ ବାଇକ୍ ରଖିଲୁ । ଲଟାଝଟା ଆଡେଇ ଆମେ ପହଞ୍ଚିଲୁ ଆମ ଲକ୍ଷ୍ୟ ସ୍ଥଳରେ । ଆମର ବହୁ ପ୍ରତିକ୍ଷୀତ ବାଁଝିଆମ୍ବା ଗାଁରେ । ଆରମ୍ଭରେ ଗାଁର ଆରାଧ୍ୟା ଦେବୀଙ୍କ ପିଣ୍ଡି । ମାଆଙ୍କ ପାଖରେ ପ୍ରଣାମ କରି ଗାଁରେ ପ୍ରବେଶ କଲୁ ।

ଘନ ଜଙ୍ଗଲ ଭିତରେ ଅବସ୍ଥିତ ଗାଁଟିକୁ ଘେରିରହିଛି ପାଣିଖୋଲି, ସୁନାମୁହିଁ, ଶାଳୁଆଖୋଲ, ସରେଇଖୋଲି, ହାତୀମୁଣ୍ଡା, ବାଙ୍ଗଲ, ସିଦ୍ଧମାଳ ଓ ଝୁମ୍ପୁରିଆଖାଲ ଆଦି ପାହାଡ ସବୁ । ସବୁଜିମା ଭରା ପାହାଡ ଗୁଡିକ ଗାଁର ଶୋଭା ବର୍ଦ୍ଧନ କରିଥାଏ ।

ପାହାଡଗୁଡିକ ସନ୍ଧିରୁ ବାହାରିଥିବା ଝରଣା ଉପରେ ବନ୍ଧ ବନ୍ଧାଯାଇ ସୃଷ୍ଟି କରାଯାଇଛି ଡମଡମଣୀ ଜଳଭଣ୍ଡାର । ଆଉ ଏହି ସବୁ ପାହାଡର ଆରପଟେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ କପିଳାସ ।



ପୂର୍ବରୁ ଯେତେବେଳେ ରାସ୍ତାଘାଟ ନଥିଲା ଆମ ଅଂଚଳର ଲୋକେ ଶଗଡରେ ସେହି ବାଟେ କପିଳାସ ଯାଉଥିଲେ । ଏବେ ମଧ୍ୟ ଶ୍ରାବଣ ମାସରେ ବୋଲବମ୍ ଭକ୍ତମାନେ ଚାଲିଚାଲି ସେହିବାଟେ ପ୍ରଭୁ ଚନ୍ଦ୍ରଶେଖରଙ୍କଠାରେ ଜଳ ଲାଗି ପାଇଁ ଯାଇଥାନ୍ତି ।

ଏମିତି ଏକ ଶୋଭା ସମ୍ପଦରେ ଭରା ଗାଁ ବାଁଝିଆମ୍ବାରେ ପହଞ୍ଚିବା ପରେ ମନ ଆନନ୍ଦରେ ପୂରିଗଲା । ଅଣଓସାରିଆ ରାସ୍ତାର ଦୁଇପାଖରେ ନୂଆଣିଆ ଚାଳଛପର ଘର । ଚବିଶଟି ଘରକୁ ନେଇ ବାଁଝିଆମ୍ବା ଗାଁର ଲୋକସଂଖ୍ୟା ପ୍ରାୟ ଏକଶହ । ଗାଁ ମଝିରେ କୋଠଘର । ପିଲାଟିଏ ଘୁମୁରା ଅଭ୍ୟାସ କରୁଥାଏ । ସେ ଘୁମୁରା କିନ୍ତୁ ପ୍ରସିଦ୍ଧ କଳାହାଣ୍ଡି ଘୁମୁରାଠାରୁ ଅଲଗା । ଗଠନ ପ୍ରଣାଳୀ ଯଦିଓ ସମାନ ଆକରରେ କିନ୍ତୁ ବଡ। କଳାହାଣ୍ଡିରେ ବାଦକମାନେ ଘୁମୁରାଗୁଡିକୁ ଛାତିରେ ବାନ୍ଧି ବଜାଇଥାନ୍ତି, ଏମାନେ କିନ୍ତୁ ଘୁମୁରାଟିକୁ କାନ୍ଧରେ ଝୁଲାଇ ବଜାଇଥାନ୍ତି । ଗହ୍ମାପୂର୍ଣ୍ଣିମା ବାଁଝିଆମ୍ବା ବାସୀଙ୍କ ବଡ ପର୍ବ । ସେଦିନ ଘୁମୁରା ତାଳେତାଳେ ଜାମୁଡାଳି ଗୀତ ଗାଇ ରାତି ପୁହାଇ ଦିଅନ୍ତି ଗାଁର ଆବାଳ ବୃଦ୍ଧ ବନିତା ।

ବାଁଝିଆମ୍ବା ଲୋକଙ୍କର ପ୍ରଧାନ ଜୀବିକା ହେଲା ଜଙ୍ଗଲରୁ ଜାଳପତ୍ର ସଂଗ୍ରହକରି ପାଖ ଗାଁ ମାନଙ୍କରେ ବିକ୍ରି କରିବା । ଗାଁର ସବୁ ଲୋକଙ୍କର ଅଳ୍ପଅଳ୍ପ ଜମି ଅଛି । ସେଥିରେ ସେମାନେ ବର୍ଷା ଋତୁରେ ଧାନ ଚାଷ କରନ୍ତି । ବାକି ସମୟରେ ଜମି ପଡିଆ ରହେ ।


ବାଁଝିଆମ୍ବା ଗାଁ ମୁଣ୍ଡରେ ଅଛି ଛୋଟ ପୋଖରୀଟିଏ । ଲୋକମାନେ ସେହି ପୋଖରୀରେ ଗାଧୁଆ ପାଧୁଆ କରନ୍ତି । ଗାଁ ଆରମ୍ଭରେ ଥିବା ନଳକୂପଟି ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ କରେ।

କେଉଁ ଏକ ଏନ୍.ଜି.ଓ. ପକ୍ଷରୁ ଗାଁରେ ସୌର ଶକ୍ତି ଚାଳିତ ରାସ୍ତା ଆଲୋକ ଓ କୁଟୀର ଜ୍ୟୋତି ଯୋଗାଇ ଦିଆଯାଇଛି ଗାଁ ଲୋକଙ୍କୁ । ଏତିକିରେ ସୀମିତ ବାଁଝିଆମ୍ବା ଗାଁ ପାଇଁ ସରକାରଙ୍କ ପକ୍ଷରୁ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ । ବାକି ଖାଲି ସମସ୍ୟା ଆଉ ସମସ୍ୟା ।

କଟକ ଜିଲ୍ଲା, ଟାଙ୍ଗୀ ଚୌଦ୍ୱାର ପଂଚାୟତ ସମିତି ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମପଂଚାୟତରେ ଅବସ୍ଥିତ ସେହି ଅବହେଳିତ ଗାଁ ବାଁଝିଆମ୍ବା । ପଂଚାୟତ ମୁଖ୍ୟାଳୟଠାରୁ ଗାଁର ଦୂରତା ପ୍ରାୟ ପନ୍ଦର କିଲୋମିଟର । ତେଣୁ ଟଙ୍କିକିଆ ଚାଉଳ ହେଉ ବା ଭତ୍ତା ଆଣିବା ପାଇଁ ଗାଁ ଲୋକଙ୍କୁ ସେହି ପନ୍ଦର କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡିଥାଏ। ପ୍ରାଥମିକ ସ୍କୁଲ ବାର କିଲୋମିଟର ଦୂରରେ ଓ ଗାଁରେ ଅଙ୍ଗନବାଡି ମଧ୍ୟ ନାହିଁ । ଜଙ୍ଗଲ ରାସ୍ତାରେ ଛୋଟ ପିଲାଙ୍କୁ ପାଠ ପଢିବା ନିମନ୍ତେ ଏତେବାଟ ପଠାଇବାକୁ ଗାଁ ଲୋକେ ଡରନ୍ତି । ଏଣେ ଅନ୍ୟ ଗାଁରୁ କେହି ବଣ ପାହାଡ ଭିତରେ ଥିବା ସେ ଗାଁରେ ଆସି ଶିକ୍ଷକତା କରିବାକୁ କିମ୍ବା ଅଙ୍ଗନବାଡି କର୍ମୀ ହେବାକୁ ଇଚ୍ଛୁକ ନୁହଁନ୍ତି । ତେଣୁ ବାଁଝିଆମ୍ବା ଗାଁର ସବୁ ପିଲା ନିରକ୍ଷର। ଗାଁରେ ଆଶାକର୍ମୀ ନାହାଁନ୍ତି, ତେଣୁ ପ୍ରାଥମିକ ଚିକିତ୍ସା ସୁବିଧା ମଧ୍ୟ ସେ ଗାଁ ଲୋକଙ୍କ ପାଖରେ ପହଂଚି ପାରୁନି । ଗାଁରେ ଲାଗିଥିବା ଅନେକ ସୌର ଆଲୋକ ଅଚଳ ହୋଇଗଲାଣି । ତେଣୁ ସଞ୍ଜ ନଉଁ ନଉଁ ଅନ୍ଧାର କାୟା ବିସ୍ତାର କରିଦେଉଛି ସାରା ଗାଁରେ ।

ସମସ୍ୟା ଘେରରେ ଥାଇ ମଧ୍ୟ ବାଁଝିଆମ୍ବାର ଅଧିବାସୀ ନିଜ ଗାଁକୁ ଖୁବ୍ ଭଲ ପାଆନ୍ତି ।

ଗାଁ ମାଟିକୁ ଛାଡି ଆଉ କୁଆଡେ ଯିବାକୁ ସେମାନେ ମନ କରନ୍ତିନାହିଁ । ସେମାନେ ଚାହାନ୍ତି ସରକାର ଜଣେ ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀଙ୍କୁ ଯଦି ନିଯୁକ୍ତି ଦିଅନ୍ତେ ହୁଏତ ଗାଁର କିଛି ସମସ୍ୟା ଦୂର ହୋଇପାରନ୍ତା । ଗାଁ ଲୋକଙ୍କଠାରୁ ତାଙ୍କ ସମସ୍ୟା କଥା ଶୁଣୁଶୁଣୁ ଦେଖିଲୁ ଦୁଇଜଣ ଯୁବକ ଯୁବତୀ ଗାଁରେ ପ୍ରବେଶ କଲେ । ନୂଆ ବାହାହେବା ପରି ଜଣା ପଡୁଥାନ୍ତି । ଜାଣିବାକୁ ପାଇଲୁ ଯେ ସେହି ନୂଆ ବୋହୂଟି ଦଶମ ଯାଏ ପଢିଛି । ତେଣୁ ସେଠାରୁ ଫେରିବା ବାଟରେ ଆମେ ଦୁଇ ବନ୍ଧୁ ବିଚାରକଲୁ ସରକାର ଯଦି ସେହି ବୋହୂଟିକୁ ଗାଁରେ ଅଙ୍ଗନବାଡି କର୍ମୀ ଭାବରେ ନିଯୁକ୍ତି ଦିଅନ୍ତେ, ତାହେଲେ ହାତୀ ଡରୁଥିବା ଏହି ଜଙ୍ଗଲୀ ଗାଁ ବାଁଝିଆମ୍ବାରେ ନିରକ୍ଷରତାର ଭୟ ରହନ୍ତାନି ଓ ପିଲାଏ ଆଉ ମୂର୍ଖ ହୋଇ ରହନ୍ତେନି ।



+ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର

## ଘାତକ ସାଜିପାରେ ଆଇଲାଶେସ୍ ଏକ୍ସଟେନ୍‌ସନ୍ !

ସୁନ୍ଦର ଦେଖାଯିବା ସହିତ ନିଜକୁ ଏକ ଅଲଗା ଲୁକ୍ ଦେବା ପାଇଁ ବର୍ତ୍ତମାନ ଯୁବପିଢ଼ି 'ଆଇଲାଶେସ୍ ? ଏକ୍ସଟେନସନ୍' କରୁଛନ୍ତି। ଏହି ପ୍ରକ୍ରିୟାରେ ଆଖିପତାର କେଶକୁ ଲମ୍ବା ଓ ଘନ କରାଯାଇଥାଏ। ଏହା ବ୍ୟତୀତ ମାର୍କେଟ୍‌ରେ ରେଡିମେଡ୍ ଆଇଲାଶେସ୍ ମଧ୍ୟ ଉପଲବ୍ଧ ହେଉଛି, ଯାହାକୁ ବ୍ୟବହାର କରିବା ପରେ ପିଙ୍ଗି ଦିଆଯାଇଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି ଆଇଲାଶେସ୍ ଏକ୍ସଟେନସନ୍ କଲେ ଆପଣଙ୍କ ଆଖି ଉପରେ କ୍ଷତିକାରକ ପ୍ରଭାବ ପଡ଼ିଥାଏ ?

ପାର୍ଲର୍ କିମ୍ବା ମେଡିକାଲ୍ ଆପଣ ଯେଉଁଠି ବି ଆଇଲାଶେସ୍ ଏକ୍ସଟେନସନ୍ ?କରୁଛନ୍ତି, ମନେ ରଖନ୍ତୁ ଏହାଦ୍ୱାରା ଆପଣଙ୍କ ଆଖିପତାର କେଶ କେବଳ ୬ ମାସ ପାଇଁ ବୃଦ୍ଧି ହୋଇଥାଏ। ଏହି ଏକ୍ସଟେନସନ୍ ପାଇଁ ୨ ଘଣ୍ଟା ସମୟ ଲାଗିଥାଏ। ଏହି ପ୍ରକ୍ରିୟାରେ ଆପଣଙ୍କ ଆଖିରେ କେମିକାଲ୍‌ର ପ୍ରୟୋଗ କରାଯାଇଥାଏ ଏବଂ ସିନଥେଟିକ୍ କେଶକୁ ଲିକ୍ୱିଡ୍ ସାହାଯ୍ୟରେ ଆଇଲାଶେସ୍ ସହିତ ଯୋଡ଼ା ଯାଇଥାଏ। ଯଦି ପରେ ଆପଣ ଭବିଷ୍ୟତରେ ଆଇଲାଶେସ୍ ବାହାର କରିବାକୁ ଚାହୁଁଛନ୍ତି, ତେବେ ପ୍ରଫେସନାଲ୍‌ଙ୍କ ସାହାଯ୍ୟ ନେବାକୁ ପଡ଼ିବ।

ସେହିପରି ମାର୍କେଟ୍‌ରେ ମିଳୁଥିବା ଆଇଲାଶେସ୍ ଲଗାଇବା ପାଇଁ ଗ୍ଲୁର ବ୍ୟବହାର କରାଯାଇଥାଏ। ଏଥିପାଇଁ କିଛି ଲୋକଙ୍କ ଆପଣଙ୍କ ଆଖି କୁଣ୍ଡେଇ ହେବା ଓ ପୋଡ଼ିବା ପରି ସମସ୍ୟା ଉପୁଜିଥାଏ। ସେଥିପାଇଁ ଆଖିରେ ଏହିପରି କୌଣସି ଜିନିଷ ଲଗାଇବା ପୂର୍ବରୁ ଏହାର ଲାଭ ଓ କ୍ଷତି ବିଷୟରେ ଜାଣି ନିଅନ୍ତୁ। ନଚେତ ଆପଣଙ୍କ ଦୃଷ୍ଟିଶକ୍ତି ପ୍ରଭାବିତ ହେବାର ଆଶଙ୍କା ଉପୁଜିଥାଏ।



## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବ ଗ୍ରୀନ ଟି'



ଗ୍ରୀନ୍ ଟି' ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ସାରା ବିଶ୍ୱରେ ଗ୍ରୀନ ଟି'ର ଲୋକପ୍ରିୟତା ମଧ୍ୟ ଢ଼େର ରହିଛି । ଏଥିରେ ବହୁ ସଂଖ୍ୟକ ପଲିଫେନୋଲ୍ ଥାଏ ଯାହା ଶରୀର ପାଇଁ ଏକ ଭଲ ଆଣ୍ଟିଅକ୍ସିଡାଣ୍ଟ ଭାବେ କାମ କରେ । ଶୀରରରୁ ବିଷାକ୍ତ ପଦାର୍ଥ ବାହାର କରିବା ଏବଂ ଗୋଡ ହାତ ଫୁଲିବା ଭଳି ସମସ୍ୟାରୁ ଗ୍ରୀନ ଟି' ମୁକ୍ତି ଦେବାରେ ସହାୟକ ହୋଇଥାଏ । ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ଓଜନ କମ୍ କରିବା ପାଇଁ ଗ୍ରୀନ ଟି' ପିଇବାକୁ ପରାମର୍ଶ ଦେଇଥାନ୍ତି । ତେବେ ଶୀତଦିନେ ଏବଂ କରୋନା କାଳରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଗ୍ରୀନ ଟି ରାମବାଣ ଭଳି କାମ କରେ । ତେବେ ଆସନ୍ତୁ ଜାଣିବା ଗ୍ରୀନ ଟିକୁ କିଭଳି ପିଇଲେ ଏବଂ ଏଥିରେ କ'ଣ ସବୁ ଜଡିବୁଟି ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।

ଶୀତ ଦିନେ ଗ୍ରୀନ ଟିରେ ହଳଦୀ ଏବଂ ଅଦା ମିଶାଇ ପିଇବା ଦ୍ୱରା ଇମ୍ୟୁନିଟି ପାୱାର (ରୋଗ ପ୍ରତିରୋଧକ ଶକ୍ତି) ବଢ଼ିଥାଏ । ଗ୍ରୀନ ଟିକୁ ଏଭଳି ପିଇବା ଦ୍ୱାରା ଶରୀରରେ ଥିବା ଖରାପ ବ୍ୟାକ୍ଟେରିଆ ଏବଂ ଭାଇରାଲ ଇନଫେକ୍ସନ ମଧ୍ୟ କମ୍ ହୋଇଥାଏ । ଏଥିସହ ଏହା ପାଚନ ପ୍ରକ୍ରିୟାକୁ ମଧ୍ୟ ସୁସ୍ଥ ରଖିଥାଏ ।

## ଆଳୁ ଲଲିପପ୍

**ଆବଶ୍ୟକ ସାମଗ୍ରୀ :**

ସିଝା ଆଳୁ, ଅଦା ରସୁଣ ପେଷ୍ଟ, ଚିଲି ସସ୍, ଟମାଟୋ ସସ୍, ସିଜୁଆନ୍ ସସ୍, କଟା ପିଆଜ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ରିଫାଇନ୍ ତେଲ, ଲୁଣ, ଗୁଣ୍ଡ ହୋଇଥିବା ବ୍ରେଡ୍, କଟା କଞ୍ଚାଲଙ୍କା, ରସୁଣ, ଧନିଆ ପତ୍ର। ଏହା ସହ ଲଲିପପ୍‌କୁ ସ୍ୱାଦିଷ୍ଟ କରିବା ପାଇଁ ମଇଦାରେ ଲୁଣ, ପାଣି ଓ ଚିଲିଫ୍ଲେକ୍ସ ଏକ ମିଶ୍ରଣ ରଖନ୍ତୁ।



**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ ଓ ବ୍ରେଡ୍‌କୁ ଗୁଣ୍ଡ କରି ରଖନ୍ତୁ। ମଇଦାରେ ଲୁଣ, ଚିଲି ଫ୍ଲେକ୍ସ ଓ ଅଳ୍ପ ପାଣି ମିଶାଇ ଭଲ ଭାବରେ ଗୋଳାଇ ରଖନ୍ତୁ। ସିଝା ଆଳୁରେ ଅଦାରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ପିଆଜ, ବ୍ରେଡ୍ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଚକଟି ଦିଅନ୍ତୁ। ଏହାପରେ ଆଳୁ ଚକଟାକୁ ଗୋଲ ଗୋଲ କରି ପ୍ରସ୍ତୁତ ମଇଦା ଘୋଳରେ ବୁଡ଼ାଇ ବ୍ରେଡ୍ ଗୁଣ୍ଡରେ ରୋଲ କରି ରଖନ୍ତୁ। ଗ୍ୟାସ୍ ଲଗାଇ କଡ଼େଇରେ ତେଲ ଗରମ କରନ୍ତୁ ଏବଂ ଗଡ଼ା ଆଳୁ ଗୋଲାକୁ ଛାଣି ଦିଅନ୍ତୁ। ଏହାପରେ ପୁଣି ଏକ ପ୍ୟାନ୍‌ରେ ତେଲ ଗରମ କରି ରସୁଣ କଟା, ଟମାଟୋ ସସ୍, ସିଜୁଆନ୍ ସସ୍, ଚିଲି ସସ୍ ଓ ଅଳ୍ପ ପାଣି ଦେଇ ଭଲ ଭାବରେ ଗୋଳାନ୍ତୁ। ପରେ ପ୍ରସ୍ତୁତ ସସ୍‌ରେ ଛଣା ହୋଇଥିବା ଆଳୁର ବଲ୍‌କୁ ପକାଇ ଗୋଳାଇ ଦିଅନ୍ତୁ ଓ ସେଥିରେ କାଠି ଲଗାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ଆଳୁ ଲଲିପପ୍।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଚିନ୍ତାଶକ୍ତି ସମ୍ପନ୍ନ ଯୁବପିଢ଼ୀ...

ଭାରତ ଏହାର ଜନସାଂଖ୍ୟିକ ପାଣ୍ଠିକୁ ନେଇ ଗର୍ବ କରୁଛି। ନିଜର କୁଶଳୀ ଯୁବ ପୁରୁଷ ଓ ମହିଳା ବର୍ଗ ଇଂଜିନ୍ ଭାବରେ କାର୍ଯ୍ୟ କରି ଭବିଷ୍ୟତରେ ଦେଶକୁ ଅଭିବୃଦ୍ଧି ଓ ବିକାଶର ପଥରେ ଆଗେଇ ନେବେ ବୋଲି ନିଜ ପିଠିକୁ ନିଜେ ଥାପୁଡ଼ାଉଛି। କିନ୍ତୁ ମଝିରେ ମଝିରେ ଦେଶର ଯୁବ ପିଢ଼ିଙ୍କ ମଧ୍ୟରୁ କିଛି ଚିନ୍ତାଶକ୍ତି ସମ୍ପନ୍ନ, ବୌଦ୍ଧିକ, ରାଜନୀତିରେ ରୁଚି ରଖୁଥିବା ଯୁବକ ଯୁବତୀ ଯଦି ସେମାନଙ୍କର କିଛି ମତାମତ କୌଣସି ମଂଚରେ ଉପସ୍ଥାପନ କରୁଛନ୍ତି, ସେମାନଙ୍କ ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କରାଯାଉଛି, ତାକୁ ଦେଖିଲେ ମନରେ ପ୍ରଶ୍ନ ଉଠେ- ଏମାନଙ୍କ ଉପରେ ଯେଉଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା କେତେଦୂର ସମୀଚୀନ ? ଏଇ ପ୍ରଶ୍ନ ସମ୍ପ୍ରତି ଦେଶଦ୍ରୋହ ଅଭିଯୋଗରେ ଦିଲ୍ଲୀ ପୁଲିସ ଦ୍ୱାରା ଗିରଫ ହୋଇଥିବା ବେଙ୍ଗାଲୁରୁ-ଭିତ୍ତିକ ୨୨ ବର୍ଷୀୟା ଜଳବାୟୁ କର୍ମୀ ଦିଶା ରବିଙ୍କ କ୍ଷେତ୍ରରେ ପ୍ରାସଙ୍ଗିକ ମନେହୁଏ। ଦିଶାଙ୍କ ବିରୁଦ୍ଧରେ ଅଭିଯୋଗ- କୃଷକମାନଙ୍କ ପ୍ରତିବାଦକୁ ସମର୍ଥନ କରି ସୋସିଆଲ ମିଡିଆରେ ଏକ 'ଟୁଲକିଟ୍' ପଛରେ ସେ ହେଉଛନ୍ତି ଜଣେ ପ୍ରମୁଖ 'ଷଡ଼ଯନ୍ତ୍ରକାରିଣୀ' ଯିଏକି ଧାର୍ମିକ ଶତ୍ରୁତାକୁ ମଧ୍ୟ ପ୍ରୋତ୍ସାହନ ଦେଇଛନ୍ତି। ଗତ ଶନିବାର ଦିନ ଦିଲ୍ଲୀ ପୁଲିସ ତାଙ୍କୁ ବେଙ୍ଗାଲୁରୁରେ ଅଟକ ରଖିବା ତଥା ପର ଦିନ ତାଙ୍କୁ ଗିରଫ କରି ଦିଲ୍ଲୀ ନେଇ ଆସିବାପରେ ଦିଲ୍ଲୀର ଜଣେ ମାଜିଷ୍ଟ୍ରେଟ ଦିଶାଙ୍କୁ ପାଂଚଦିନିଆ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ତାଙ୍କୁ ଗିରଫ କରିବାର ମୂଳ କାରଣ ହେଉଛି, ସେ କୃଷି ଆଇନ୍ ବିରୋଧରେ କୃଷକମାନଙ୍କ ପ୍ରତିବାଦରେ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଏକ 'ଟୁଲକିଟ୍'ର ପ୍ରସ୍ତୁତି ଓ ସମ୍ପାଦନା କରିଛନ୍ତି; ସ୍ୱିଜରଲ୍ୟାଣ୍ଡର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ 'ଟୁଲକିଟ୍'ଟିକୁ ପ୍ରଦାନ କରିଛନ୍ତି; ଜାନୁଆରୀ ୨୬ ତାରିଖରେ ଦିଲ୍ଲୀରେ ହୋଇଥିବା ହିଂସା ଟୁଲ୍‌କିଟ୍‌ରେ ଥିବା 'ଆକ୍ସନ ପ୍ଲାନ୍'କୁ ଅନୁସରଣ କରିଛି; ଏବଂ ଏଥିରେ ଖଲିସ୍ତାନୀ ଗୋଷ୍ଠୀଙ୍କ ହାତ ରହିଛି। ଉଲ୍ଲେଖଯୋଗ୍ୟ ଯେ କେବଳ ଦିଶା ନୁହନ୍ତି, ତାଙ୍କ ସହିତ ବମ୍ବେ ହାଇକୋର୍ଟର ଜଣେ ଓକିଲ ନିକିତା ଜ୍ୟାକବ୍ ଏବଂ ମହାରାଷ୍ଟ୍ର ନିବାସୀ ଶାନ୍ତନୁ ନାମକ ଜଣେ ଇଂଜିନିୟରଙ୍କୁ ଗିରଫ କରିବା ପାଇଁ ସେମାନଙ୍କ ବିରୋଧରେ ମଧ୍ୟ ଜାମିନ୍ ବିହୀନ ଗିରଫ ପରୱାନା ପାଇଥିବା ସମ୍ପର୍କରେ ଦିଲ୍ଲୀ ପୁଲିସ ପ୍ରକାଶ କରିଛି। ସେ ଯାହାହେଉ, ଦିଶାଙ୍କ ଗିରଫଦାରୀ କିନ୍ତୁ କେତେଗୁଡ଼ିଏ ପ୍ରସଙ୍ଗକୁ ସମ୍ମୁଖକୁ ଆଣିଛି। ସେଥିମଧ୍ୟରୁ ପ୍ରଥମେ ସାମନାକୁ ଆସେ ରାଷ୍ଟ୍ରର ଭୂମିକା। କୃଷକମାନଙ୍କ ପ୍ରତିବାଦ ଏବଂ ତାକୁ ସମର୍ଥନ କରି କେତେକ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମନ୍ତବ୍ୟ ପ୍ରଦାନକୁ କେନ୍ଦ୍ର ସରକାର ରାଜନୀତିର ରଙ୍ଗ ଦେଇ ଭାରତ ବିରୋଧରେ ଏକ ବିଶ୍ୱସ୍ତରୀୟ ବିଦେଶୀ ଷଡ଼ଯନ୍ତ୍ର ଭାବରେ ଗ୍ରହଣ କରିବାକୁ ସ୍ଥିର କରିଛନ୍ତି ଯାହାର ଏକ ପ୍ରମାଣ ହେଉଛି 'ଟୁଲକିଟ୍'। କିନ୍ତୁ ଏଭଳି ଷଡ଼ଯନ୍ତ୍ରକୁ ପ୍ରମାଣିତ କରିବାର ସୁଯୋଗ ସୀମିତ। ପ୍ରଶ୍ନ ଉଠେ, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆକୁ ଉଭୟ ରାଜନୀତିକ ଏବଂ ନାଗରିକ ସମାଜ ବିଭିନ୍ନ ପ୍ରକାରର ପ୍ରଚାର ଉଦ୍ଦେଶ୍ୟରେ ସାଧାରଣରେ ବ୍ୟବହାର କରୁଥିବା ବେଳେ ତଥା ଏହି 'ଟୁଲକିଟ୍'ରେ ଭାରତର ବିଶେଷତ୍ୱ ସମ୍ପର୍କରେ କିଛି ଆପତ୍ତିଜନକ ଅଂଶ ରହିଥିବା ସତ୍ତ୍ୱେ ପ୍ରକୃତରେ ଏହା ଜାନୁଆରୀ ୨୬ ତାରିଖର ହିଂସାକାଣ୍ଡକୁ ଉସୁକାଇ ଥିଲା କି ? ଏହାର କିଛି ସିଧାସଳଖ ପ୍ରମାଣ ରହିଛି କି ? ବର୍ତ୍ତମାନ ସମୟରେ ଭାରତ ଏକ ଉଦାରବାଦୀ ନୁହେଁ, ବରଂ ଅନୁଦାରବାଦୀ ରାଷ୍ଟ୍ର ଭାବରେ ସମାଲୋଚିତ ହେବାକୁ ଆରମ୍ଭ କରିଥିବାବେଳେ ଯୁବ କର୍ମୀମାନଙ୍କୁ ଗିରଫ କରିବା କ'ଣ ବିଜ୍ଞତାର ପରିଚୟ ? ସର୍ବୋପରି ବାକ୍ ସ୍ୱାଧୀନତା ତଥା ଅବୋଧ ରାଜନୀତିକ କାର୍ଯ୍ୟକଳାପର ଅଧିକାର ପ୍ରଦାନ କରୁଥିବା ଭାରତୀୟ ସମ୍ବିଧାନର ମୌଳିକ ନୀତି ସହିତ ଏହା କେତେଦୂର ଖାପ ଖାଉଛି ? ଏହାପରେ ଆସେ ଦେଶର ନ୍ୟାୟପାଳିକାର ଭୂମିକାକୁ ନେଇ ଅନ୍ୟ ଏକ ପ୍ରସଙ୍ଗ। ଦିଶାଙ୍କର କୌଣସି ବ୍ୟକ୍ତିଗତ ଓକିଲଙ୍କ ବିନା ଉପସ୍ଥିତିରେ, ତାଙ୍କୁ ଗିରଫ କରିବାର ପ୍ରକ୍ରିୟା ଉପରେ କୌଣସି ପ୍ରଶ୍ନ ନକରି ତଥା ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଏବଂ ସେ ସମ୍ପର୍କରେ କଛି ପ୍ରମାଣର ପର୍ଯ୍ୟାପ୍ତ ତର୍ଜମା ନକରି ମେଟ୍ରେପଲିଟାନ୍ ମାଜିଷ୍ଟ୍ରେଟ୍ ତାଙ୍କୁ ପୁଲିସ ହେପାଜତକୁ ପଠାଇ ଦେବା ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ସୁଷମ ଦିଗଟିକୁ କ୍ୱଚିତ୍ ପ୍ରତିଫଳିତ କରୁଥିବା ମନେହୁଏ। କୋର୍ଟଗୁଡ଼ିକ ବ୍ୟକ୍ତିଗତ ସ୍ୱାଧୀନତା ସମ୍ପର୍କିତ ଅଭିଯୋଗଗୁଡ଼ିକ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି, ବିଶେଷକରି ଏ କ୍ଷେତ୍ରରେ ଜାମିନ ପ୍ରଦାନ କରିବାର ସୁବିଧା ରହିଥିବାବେଳେ ଲୋକମାନଙ୍କୁ ଜେଲକୁ ପଠାଇ ଦେବା କଦାଚିତ୍ ଗ୍ରହଣୀୟ ହୋଇପାରୁଛି। ପରିଶେଷରେ, କର୍ମୀମାନଙ୍କ ପ୍ରସଙ୍ଗ। କୌଣସି ଏକ ପ୍ରସଙ୍ଗ ଉପରେ ଅସନ୍ତୋଷ ବ୍ୟକ୍ତ କରିବାର ଅଧିକାର ସମସ୍ତଙ୍କର ରହିଛି। ଏପରିକି ତାର୍କିକ ଦୃଷ୍ଟିରୁ କୌଣସି କାର୍ଯ୍ୟ ଅସଙ୍ଗତ ହୋଇଥିଲେ ସୁଦ୍ଧା ସେହି ପକ୍ଷକୁ ସମର୍ଥନ କରିବାର ଅଧିକାର ରହିଛି। କିନ୍ତୁ ପ୍ରାୟତଃ ସାମାଜିକ କର୍ମୀମାନେ ବଡ଼ ଧରଣର ରାଜନୀତିକ ଖେଳରେ ମାତି ଯାଉଥିବା ପରିଲକ୍ଷିତ ହୁଏ। କହିବାର ତାତ୍ପର୍ଯ୍ୟ, କୃଷକମାନଙ୍କ ପ୍ରତିବାଦ ପଛରେ ଖଲିସ୍ତାନ ସମର୍ଥକ ଗୋଷ୍ଠୀମାନଙ୍କର ହାତ ରହିଥିବା ଏବଂ ସେମାନେ ଗୋଳିଆ ପାଣିରୁ ବାଳିଆ ମାରିବାକୁ ଉଦ୍ୟମ କରୁଥିବାର ସମ୍ଭାବନାକୁ ସହଜରେ ଏଡ଼ାଇ ଦେଇହେବ ନାହିଁ। ତେଣୁ ଉପରୋକ୍ତ ପ୍ରସଙ୍ଗ ପରିପ୍ରେକ୍ଷୀରେ ନାଗରିକ ସମାଜ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିବା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ।

## କବିତା କୋଣାର୍କ

### ଫେବୃୟାରୀ ..

ସୁଦର୍ଶନ ମହାପାତ୍ର

ଫେବୃୟାରୀ ସତେ ନୀଳ ଆକାଶର
ଉଡନ୍ତା ପକ୍ଷୀର ଖୁସି
ସ୍ନିଗ୍ଧ ଶୁଭ୍ରତାରେ ବାଣୀ ଆବାହନେ
ଜ୍ଞାନାଲୋକ ଅବିନାଶୀ ।

ମୃଦୁ ସମୀରଣେ ଫେବୃୟାରୀ ଏକ
ସଞ୍ଚରିତ ସମ୍ମୋହନ
ପ୍ରୀତି ପ୍ରଣୟରେ ଭିଜା ଭିଜା ସ୍ୱପ୍ନେ
ଶିହରିତ ତନୁମନ ।

ଫେବୃୟାରୀ ପରା ଫଗୁଣର ସାଥୀ
ପେନ୍ଥି ବଉଳର ବାସ
ସବୁଜ ସୁନ୍ଦର ଶୋଭାରେ ତନ୍ମୟ
ପ୍ରକୃତି ରାଣୀର ହସ ।

ଫେବୃୟାରୀ ଏକ ଅଜଣା ପକ୍ଷୀର
କଳମତ୍ତ କୁହୁ ତାନ
ପରମ ପବିତ୍ର ମାଘ ସପ୍ତମୀରେ
ଚନ୍ଦ୍ରଭାଗା ତୀର୍ଥ ସ୍ନାନ ।

ଫେବୃୟାରୀ ସତେ ଅଗ୍ନି ଉତ୍ସବରେ
ଉନ୍ମୀଳିତ ଦିବ୍ୟ ଜ୍ୟୋତି
ଭିଜା ସକାଳର ନରମ ଖରାରେ
ମୋକ୍ଷ ପ୍ରାପ୍ତ ହିମ ରାତି ।

ଫେବୃୟାରୀ ପରା ଓଳାଶୁଣି ଗୁମ୍ଫା
ଉଲ୍ଲସିତ ସମାରୋହ
ଯୋରନ୍ଦା ମେଳାର ମହିମା ଅଲେଖ
ଶୂନ୍ୟ ବ୍ରହ୍ମ ମହା ମୋହ ।

ଫେବୃୟାରୀ ସତେ ଉପାସ୍ୟ ଉନ୍ମୁଖ
ସ୍ୱସ୍ତିମୟ ମାସଟିଏ
ପୂଣ୍ୟ ଆସକ୍ତିର ଭାବ ବନ୍ଧନର
ବିଭୋରିତ ରୂପଟିଏ ।

+କୁଞ୍ଜବିହାରୀ ଲେନ,କଟକ

---



ଗୋପାଳ ମହାପାତ୍ର

# ଅଛେଦିନ କେବେ ଆସିବ ?

ଆଜିଠାରୁ ୭ବର୍ଷ ପୂର୍ବେ ୨୦୧୪ର ସାଧାରଣ ନିର୍ବାଚନରେ ଏକ ସ୍ଲୋଗାନ ଦିଆଯାଉଥିଲା। ସ୍ଲୋଗାନଟି ଥିଲା 'ଅଛେଦିନ ଆନେବାଲେ ହେ'। ଏହାର ଅର୍ଥ ହେଉଛି ଭଲ ଦିନ ଆସୁଛି। ଏହି ସ୍ଲୋଗାନ ୨୦୧୪ ସାଧାରଣ ନିର୍ବାଚନ ଫଳାଫଳକୁ ବଦଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସ୍ଲୋଗାନ ଭାରତୀୟ ଜନମାନସକୁ ପ୍ରଭାବିତ କରିଥିଲା ଏପରିକି ଏହି ସ୍ଲୋଗାନର କାଳ୍ପନିକ ପ୍ରତିଶ୍ରୁତିରେ ଲୋକେ ବିଭୋର ହୋଇ ଉଠିଥିଲେ ଏବଂ ଏକ ସ୍ୱର୍ଣ୍ଣିମ ଦିନର କଳ୍ପନା ମଧ୍ୟ କରିନେଇଥିଲେ। ସାଧାରଣ ଲୋକଙ୍କ ମନରେ ଏକଥା ବସାବାନ୍ଧି ଯାଇଥିଲା ଯେ, ଦେଶରୁ ବେରୋଜଗାରୀ ଦୂର ହେବ, ଆର୍ଥିକ ସ୍ଥିତି ସୁଧୁରିବ, ଦରଦାମ ନିୟନ୍ତ୍ରିତ ହେବ, ଦେଶରୁ ଗରୀବଙ୍କ ସଂଖ୍ୟା କମିବ ଦେଶର ସମସ୍ତ ଖୁସିରେ ରହିବେ ଆଦି। ଏଭଳି କଳ୍ପନାରେ ସାଧାରଣ ଲୋକେ ମଜ୍ଜି ଯାଇଥିଲେ। ୨୦୧୪ ନିର୍ବାଚନ ପରେ କେନ୍ଦ୍ରରେ ନୂଆ ଓ ରାଜକର ଆସିଲା, ତା ପୁଣି ରେକର୍ଡ ସୃଷ୍ଟି କରି। କିନ୍ତୁ ଅଛେ ଦିନ ବା ଭଲ ଦିନ ଆସିଲା ନାହିଁ। ତେଣୁ ସରକାର 'ଅଛେଦିନ'ର ଆଶା କରି ବସିଥିବା ଲୋକଙ୍କୁ ଏକ ନୂଆ ଶବ୍ଦ 'ନୟା ଭାରତ' ସହ ଯୋଡ଼ିବା ପାଇଁ ପ୍ରୟାସ ଆରମ୍ଭ କରାଗଲା ଏବଂ ଲୋକଙ୍କୁ ନୟା ଭାରତ ସ୍ଲୋଗାନରେ ପୁଣି ସ୍ୱପ୍ନ ବିଭୋର କରିବାର ଉଦ୍ୟମ କରାଗଲା। ଆଜିର ପରିସ୍ଥିତି ବା ପରିଦୃଶ୍ୟକୁ ଦେଖିଲେ ଅଛେ ଦିନ, ନୟାଭାରତ, ସବ୍‌କା ସାଥ୍ -ସବକା ବିକାଶ, ଏକ ଭାରତ ଶ୍ରେଷ୍ଠ ଭାରତ ଭଳି ଶବ୍ଦର ବ୍ୟବହାର କେବଳ ନିର୍ବାଚନୀ ରଣନୀତିର ଅଂଶ ବିଶେଷ ବୋଲି ସ୍ପଷ୍ଟ ପ୍ରତୀୟମାନ ହୁଏ। ଏବେ ନୟାଭାରତ ବା ନୂଆ ଭାରତ ଶବ୍ଦର ଗୁଣ ଗାନ କରାଯାଉଛି। ସରକାର ଓ କେତେକ ଗଣମାଧ୍ୟମ ଯେପରି ଭାବରେ ନୟାଭାରତ ଶବ୍ଦକୁ ଅଧିକ ଭାବରେ ଜନମାନସରେ ପୁରାଇ ଦେବାକୁ ଚାହୁଁଛନ୍ତି ତାକୁ ଦେଖିଲେ ଭାରତରେ ଅନେକ କିଛି ବଦଳିଯାଇଛି ଓ ଦେଶ ଏକ ନୂଆ ରପ ନେଇଛି ବୋଲି ଭାବିବା ସ୍ୱାଭାବିକ। କିନ୍ତୁ ଏଇ ନୂଆ ଭାରତରେ କ'ଣ ସବୁ ପରିବର୍ତ୍ତନ ହୋଇଛି ? ଏକଥା ଏବେ ବିଚାର କରାଯିବାର ଆବଶ୍ୟକତା ରହିଛି। କ'ଣ ଲୋକଙ୍କ ମାନବୀୟ ମୂଲ୍ୟବୋଧର ବିଚାରକୁ ଅଣଦେଖା କରିବା ହିଁ ନୂଆ ଭାରତ ? କ'ଣ ସାଧାରଣ ଲୋକ, କୃଷକ, ସର୍ବହରା ବର୍ଗର ସମସ୍ୟାକୁ ଅଣଦେକା କରିବା ନୟାଭାରତର ପ୍ରକୃତ ରପ ? କ'ଣ ନିଜକୁ ସର୍ବୋତ୍ତମ ବୋଲି ପ୍ରମାଣିତ କରିବା ପାଇଁ ଅନ୍ୟର ବିଚାରକୁ ହାସ୍ୟାସ୍ପଦ ଏବଂ ଶବ୍ଦ ଜାଲରେ ଭୁଲ ବୋଲି ପ୍ରମାଣିତ କରିବା ନୂଆ ଭାରତ ବା ନୟାଭାରତ ? ଏଭଳି ଅନେକ ଏଭଳି ସନ୍ଦର୍ଭ ଅଛି ଯାହା ଦେଶରେ ନୟାଭାରତ ଶବ୍ଦର ରପରେଖକୁ ସ୍ପଷ୍ଟ କରିବା ପାଇ ପର୍ଯ୍ୟାପ୍ତ ଅଟେ। ନୟା ଭାରତର ନିର୍ମାଣ ପାଇଁ କେନ୍ଦ୍ର ସରକାର ଏବେ ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ କମ୍ପାନୀ ହାତରେ ଟେକିଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ବଜେଟରେ ମଧ୍ୟ ଏକଥା ରହିଛି। ଏବର୍ଷର ବଜେଟରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବିକ୍ରୀ ସମ୍ପର୍କରେ ଯାହା କୁହାଯାଇଛି ଯଦି ସରକାର ତାକୁ କାର୍ଯ୍ୟକାରୀ କରନ୍ତି ତେବେ ଦେଶରେ ଥିବା ୩୮୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସଂଖ୍ୟା କମି ଡଜନେ କି ଦୁଇ ଡଜନ ମଧ୍ୟରେ ସୀମିତ ରହିଯିବ। ସରକାର ଯେଉଁ ନୟାଭାରତ କଥା କହୁଛନ୍ତି ତଦନୁସାରେ ଦେଶରେ ଅନେକ ବିକାଶମୂଳକ କାର୍ଯ୍ୟ ହେବ। କିନ୍ତୁ ବାସ୍ତବିକ ଚିତ୍ର କିଛି ଭିନ୍ନ। କାରଣ ହେଉଛି ଭାରତୀୟ ଅର୍ଥବ୍ୟବସ୍ଥା ଏବେ ଋଣ ଭାରତରେ ଚାପି ହୋଇପଡିଛି। ଅର୍ଥମନ୍ତ୍ରାଳୟର ତଥ୍ୟ ଅନୁସାରେ ବାଣିଜ୍ୟିକ ଋଣ ବଢିବା କାରଣରୁ ଦେଶର ଋଣ ବଢିଛି। ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ସମୁଦାୟ ଋଣ ଥିଲା। ୫୪୩ ଅରବ ଡଲାର। ଏହା ବିଦେଶର ବିଦେଶୀ ମୁଦ୍ରା ଭଣ୍ଡାରର ଅନୁପାତର ୭୬ପ୍ରତିଶତ ଥବଲା। ୨୦୨୦ ମାର୍ଚ୍ଚ ସୁଦ୍ଧା ଏହି ଋଣ ହାର ବଢି ୫୫୮.୫ ଅରବ ଡଲାର ହୋଇଥିଲା ଯାହା ବିଦେଶୀ ମୁଦ୍ରାଭଣ୍ଡାରର ଅନୁପାତର ୮୫.୫ପ୍ରତିଶତ। ୨୦୧୪ରେ ଦେଶର ପ୍ରତିବ୍ୟକ୍ତିର ମୁଣ୍ଡପିଛା ଋଣ ଥିଲା ୪୧୨୦୦ ଟଙ୍କା। କିନ୍ତୁ ୨୦୨୦ ଜାନୁୟାରୀ ବେଳକୁ ପ୍ରତିବ୍ୟକ୍ତିର ମୁଣ୍ଡପିଛା ଋଣ ୨୭୨୦୦ଟଙ୍କା ବଢି ୬୮୪୦୦ ଟଙ୍କାରେ ପହଞ୍ଚିଥିଲା। ଏ ହେଉଛି ସରକାରୀ ତଥ୍ୟ। ଏଣୁ ଏଥିରୁ ସ୍ପଷ୍ଟ ଯେ, ନୟାଭାରତର ଚିତ୍ର କ'ଣ। ନୟାଭାରତର ରୂପରେଖ ଦେବା ପାଇଁ ସରକାର ଦେଶରେ ଥିବା ଗରୀବ ଲୋକଙ୍କୁ ଅଣଦେଖା କରିଛନ୍ତି। ବିଶ୍ୱର ଗରୀବଙ୍କୁ ନେଇ ବିଶ୍ୱବ୍ୟାଙ୍କ ୨୦୨୦ ମସିହା ଅକ୍ଟୋବର ୭ତାରିଖରେ ଏକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ବ୍ୟାଙ୍କର ଏହି ରିପୋର୍ଟରେ ଚମକାଇ ଦେବା ଭଳି ଅନେକ ତଥ୍ୟ ରହିଛି। ୨୦୧୭ର ତଥ୍ୟ ଅନୁସାରେ ବିଶ୍ୱରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ୬୮.୯ କୋଟି ଥିଲା। ସେଥିମଧ୍ୟରୁ ଭାରତରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ଥିଲା ୧୩.୯କୋଟି। ଏବେ ଭାରତରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା କେତେ ସେ ବାବଦରେ କୌଣସି ତଥ୍ୟ ନାହିଁ। ସରଳ ଭାବରେ କହିବାକୁ ଗଲେ ଭାରତ ସରକାର ଏମାନଙ୍କ ଗଣନା ବନ୍ଦ କରିଦେଇଛନ୍ତି। ରାଷ୍ଟ୍ରୀୟ ସାଂଖ୍ୟିକି କାର୍ଯ୍ୟାଳୟ (ଏନଏସଓ) ୨୦୧୭-୧୮ରେ ଦେଶର ଘରୋଇ ଉପଭୋଗ ବ୍ୟୟ ସମ୍ପର୍କିତ ତଥ୍ୟ ଜାରି କରିବାର ଥିଲା। ଉପଭୋଗ ବ୍ୟୟ ତଥ୍ୟରୁ ଜଣାପଡିଥାନ୍ତା ଯେ ଲୋକଙ୍କର ଆୟର ସ୍ତର କେତେ ବଢିଛି କିନ୍ତୁ କେନ୍ଦ୍ର ସରକାର 'ଗୁଣବତ୍ତା'ର ଦ୍ୱାହୀ ଦେଇ ଏହି ତଥ୍ୟ (ରିପୋର୍ଟ) ଜାରି ନକରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏଭଳି ପ୍ରକାରର ନୟାଭାରତର ସଂକଳ୍ପନାକୁ ନେଇ ସରକାର କାର୍ଯ୍ୟ କରୁଥିବା କାରଣରୁ ଦେଶରେ ବେରୋଜଗାରୀ ବଢିଛି ଓ ପ୍ରତିବ୍ୟକ୍ତିର ଆୟ ମଧ୍ୟ କମିଛି। ଇଂରାଜୀ ଖବରକାଗଜ ଇକୋନୋମିକ୍ ଟାଇମ୍ସରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୨୦୨୧ ଆର୍ଥିକ ବର୍ଷରେ ଭାରତର ପ୍ରତିବ୍ୟକ୍ତିର ଆୟ ୫.୪ପ୍ରତିଶତ କମିପାରେ। ସେହିପରି ବେରୋଜଗାରୀ ପ୍ରସଙ୍ଗରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମିର ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ୨୦୨୦ ଅଗଷ୍ଟରେ ଦେଶରେ ବେରୋଜଗାରୀ ହାରୀ ବଢିଛି। ବେରୋଜଗାରୀ ହାର ୨୦୨୦ଜୁଲାଇ ମାସରେ ୭.୪୩ ପ୍ରତିଶତ ଥିବାବେଳେ ଅଗଷ୍ଟ ବେଳକୁ ଏହି ହାର ୮.୩୫ ପ୍ରତିଶତରେ ପହଞ୍ଚିଥିଲା। ନୟାଭାରତରେ ଅଛେ ଦିନ ଦେଖିବାକୁ ଆଶା କରିଥିବା ଲୋକଙ୍କୁ ଖାଦ୍ୟାଭାବ କ୍ଷେତ୍ରରେ ମଧ ନକାରାତ୍ମକ ପରିଣାମ ଦେଖିବାକୁ ମିଳିଛି। ବିଶ୍ୱ ଖାଦ୍ୟାଭାବ ସୂଚକାଙ୍କ ୨୦୨୦ରେ ଭାରତ ୧୦୭ଦେଶର ତାଲିକାରେ ୯୪ସ୍ଥାନରେ ରହିଛି। ସୂଚକାଙ୍କରେ ଭାରତକୁ ଗମ୍ଭୀର ଶ୍ରେଣୀରେ ସ୍ଥାନୀତ କରାଯାଇଛି।

ନୟାଭାରତର ସଂକଳ୍ପନା ସ୍ୱପ୍ନ ଦେଖୁଥିବା ଭାରତୀୟ ମାନଙ୍କୁ ଦରଦାମ୍ ବୃଦ୍ଧିର ବୋଝ ମଧ ସହିବାକୁ ପଡୁଛି। ଆମେ ଯଦି ଦୈନିକ ଉପଭୋଗ ବସ୍ତୁ ବାବଦରେ ଦେଖିବା ତେବେ ସ୍ପଷ୍ଟ ଜାଣିହେବ ଯେ, ୨୦୧୪ରେ ଖାଇବା ତେଲର ମୂଲ୍ୟ ୬୫ରୁ ୭୦ଟଙ୍କା ଥିବାବେଳେ ଏବେ ଏହାର ମୂଲ୍ୟ ୧୧୫ରୁ ୧୫୦ରେ ପହଞ୍ଚିଲାଣି। ଚିନିର ମୂଲ୍ୟ ୨୫ଟଙ୍କା ଭିତରେ ଭିତରେ ଥିଲା ଏବେ ଏହା ୩୮ରୁ ୪୨ରେ ପହଞ୍ଚିଛି। ସେହିପରି ପେଟ୍ରୋଲ, ଡିଜେଲ, ସିମେଣ୍ଟ ଏବଂ ଲୁହାଛଡ଼ର ମୂଲ୍ୟ ମଧ ଦୁଇଗୁଣା କି ଅଧିକ ହେଲାଣି। ଦୁଇଚକିଆ ଯାନର ମୂଲ୍ୟ ମଧ ବଢିଛି। ରୋଷେଇ ଗ୍ୟାସର ଦାମ ମଧ ବଢିଛି। ଏସବୁକୁ ଦେଖିବା ପରେ କେହି କେବେ ଭାବିପାରିବ କି ଅଛେ ଦିନ ଆୟେଗାଁ। ଏଣୁ ଅଛେ ଦିନ ନୟାଭାରତ, ସବ୍‌କା ସାଥ୍ ସବକା ବିକାଶ, ଏକ ଭାରତ ଶ୍ରେଷ୍ଠ ଭାରତ ଭଳି ଶବ୍ଦର ବ୍ୟବହାର କେବଳ ନିର୍ବାଚନ ରଣନୀତିର ଅଂଶବିଶେଷ ବୋଲି ସ୍ପଷ୍ଟ। ବାସ୍ତବିକତା ହେଉଛି ନୟାଭାରତରେ ଶାସକ ଏବଂ ଶୋଷିତ ବର୍ଗର ଉଦୟ ହୋଇଛି। ଧନୀ ଏବଂ ଗରୀବଙ୍କ ମଧରେ ଖାଇ (ଦୂରତା) ବଢିଛି। ସମ୍ବେଦନଶୀଳ ଭାବନା ଏବଂ ନୈତିକ ଉତ୍ତରଦାୟୀତ୍ୱର ପତନ ହୋଇଛି ଏବଂ ନୂଆ ନୂଆ ଶବ୍ଦ ବ୍ୟବହାର କରାଯାଇ ସାଧାରଣ ଲୋକଙ୍କୁ ସମ୍ମୋହିତ ବା ଆକର୍ଷିତ କରିବା ପାଇଁ ଉଦ୍ୟମ କରାଯାଉଛି। ଏଭଳି ସମୟରେ ଅଛେ ଦିନର କଳ୍ପନା କେବଳ ସ୍ୱପ୍ନରେ କରାଯାଇପାରେ କିନ୍ତୁ ବାସ୍ତବରେ ଅଛେ ଦିନ ଆସିବା ନେଇ ସନ୍ଦେହ ରହିଛି।

+ରାମଚନ୍ଦ୍ରପୁର, ରଣପୁର
୯୪୩୮୪୫୦୯୪

---



ପ୍ରଦୀପ୍ତ ଆଚାର୍ଯ୍ୟ

# ବେସରକାରୀ ବିଦ୍ୟାଳୟର ଏକଚ୍ଛତ୍ରବାଦ କାହିଁକି ?

ନକଲି ଚାହା ପତି କାରଖାନା ଠାବ ହେବା ପରେ, ମୋର ପଡୋଶୀ ସମୀର ବାବୁ, ଆମଘରେ ତାଙ୍କର ଦୈନନ୍ଦିନ ସକାଳ ଚାହା ପାନର ଅଭ୍ୟାସକୁ ସଂପୂର୍ଣ ତ୍ୟାଗ କରିଦେଇ, କେବଳ କୌଣସି ଏକ ସାମାଜିକ ସମସ୍ୟା ଉପରେ କିଛି ସମୟ ଆଲୋଚନା କରି, ଖବର କାଗଜ ପଢିବା ପରେ ତାଙ୍କ ଘରକୁ ଫେରନ୍ତି। ଆଜି ଆସୁଆସୁ ଆରମ୍ଭ କରିଦେଲେ, ଭାଇ ଏ ବେସରକାରୀ ବିଦ୍ୟାଳୟର ଦୌରାତ୍ମ୍ୟ ଆଉ ସହ୍ୟ କରି ହେବ ନାହିଁ। ମନଇଛା ଫିଜ୍ ଧାର୍ଯ୍ୟ,ପ୍ରତ୍ୟେକ ବର୍ଷ ଦେୟ ବୃଦ୍ଧି, ଦେୟ ପ୍ରଦାନ ବିଳମ୍ବ ଜନୀତ ଜୋରିମାନା, ଯାହା ଯେତେବେଳେ ଚାହୁଁଛନ୍ତି କରୁଛନ୍ତି। କରୋନା ଯୋଗୁ, ଏ ବର୍ଷ ତମାମ କ୍ଲାସ୍ ନକରି କହୁଛନ୍ତି, ଆମେ ଅନ୍‌ଲାଇନ୍ କ୍ଲାସ୍ କରିଛୁ,ଆମକୁ ପଇସା ଦିଅ, ଆମ ଟିଚର ମାନଙ୍କୁ ଦରମା ଦେବୁ। ମୁଁ କହିଲି ସମୀର ବାବୁ, ଗୋଟିଏ କଥା କହିବି ଖରାପ ଭାବିବେ ନାହିଁ। ଆପଣ ସରକାରୀ ବିଦ୍ୟାଳୟରେ ପ୍ରଦତ୍ତ ମାଗଣା ଭୋଜନ, ସେଥିରେ ପୁଷ୍ଟିକର ଅଣ୍ଡା, ସୋୟା, ମାଗଣା ପୋଷାକ, ମାଗଣା ପାଠ୍ୟ ପୁସ୍ତକ, ଜୋତା, ସାଇକେଲ, ତା ସାଙ୍ଗରେ ଅନୁସୂଚିତ ଜାତି, ଉପଜାତି, ପଛୁଆ ବର୍ଗ ଓ ବାଳିକା ପ୍ରୋତ୍ସାହନ ପରି ଅନେକ ବୃତିର ବ୍ୟବସ୍ଥାକୁ ଛାଡି, ବେସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପଢାଇଲେ କାହିଁକି ? ତାଛଡା ଆପଣ ଜଣେ ସରକାରୀ ଚାକିରିଆ ହୋଇ, ସରକାରଙ୍କଠାରୁ ସମସ୍ତ ସୁବିଧା ସୁଯୋଗ ପାଇ ମଧ୍ୟ, ବେସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପଢାଇବା ଉଚିତ୍ ହୋଇଛି କି ? ସାଙ୍ଗେ ସାଙ୍ଗେ ସମୀର ବାବୁ କହିଲେ, ଆଛା ଭାଇ,ସରକାରୀ ହସ୍ପିଟାଲରେ ପ୍ରସବ କରାଇଲେ, ସରକାର ଜନନୀ କଲ୍ୟାଣ ଯୋଜନା ଏବଂ ଅନ୍ୟାନ ସୁବିଧା ସୁଯୋଗ ପ୍ରଦାନ କରୁଥିବା ସତ୍ୱେ, ଆପଣ ଆପଣଙ୍କର ବୋହୂର ଡେଲିଭରି, ନର୍ସିଙ୍ଗ ହୋମ୍‌ରେ କରାଇଲେ କାହିଁକି ? ମୁଁ କହିଲି, ଆପଣ ବୋଧହୁଏ, ସରକାରୀ ଡାକ୍ତରଖାନାର ଅବସ୍ଥା ବିଷୟରେ ଜାଣି ନାହାନ୍ତି? କୋଉଠି ରୋଗୀର ବେଡ୍‌ରେ କୁକୁର ଶୋଉଛି ତ କୋଉଠି ପୁରୁଣା ଛାତରୁ କଂକ୍ରିଟ ନଚେତ୍ ଫ୍ୟାନ୍ ଖସି ପଡୁଛି। କୋଉଠି ଜେନେରେଟର ନଥିବାରୁ କରେଂଟ ଚାଲିଗଲେ, ମୋବାଇଲ ଟର୍ଚ୍ଚରେ ଅପରେସନ୍ ହେଉଛି ତ କୋଉଠି ଡାକ୍ତର ରୋଗୀ ପେଟ ଭିତରେ ଗଜ କପଡା, କଇଂଚି ଛାଡିଦେଇ ସିଲାଇ କରି ଦେଉଛନ୍ତି। ଡାକ୍ତରଙ୍କୁ ଡାକିଲେ, ସେ ଏତେ କ୍ଷିପ୍ର ଗତିରେ ଓ ନିଷ୍ଠାରେ ସେବା ଯୋଗାଇ ଦେଉଛନ୍ତି ଯେ, ରୋଗୀଟି କେବଳ ଯମଙ୍କ ନିକଟରେ ଜୀବନ ଭିକ୍ଷାର ପ୍ରାର୍ଥନା କରିବା ଛଡା ଅନ୍ୟ ଗତି ନାହିଁ। ତେଣୁ ଏ ପରିସ୍ଥିତିରେ ମୁଁ ବୋହୂକୁ ନର୍ସିଙ୍ଗ ହୋମ୍‌ରେ ପ୍ରସବ କରାଇବା କଣ ଭୁଲ୍ କରିଛି ? ପୁନର୍ବାର ସମୀର ବାବୁଙ୍କ ଦ୍ୱିତୀୟ ଶାଣିତ ପ୍ରଶ୍ନ, ଆପଣ ଆପଣଙ୍କ ଝିଅ ପାଖକୁ କୋରାପୁଟ ଯିବାବେଳେ, ସରକାରୀ ବସ୍‌ରେ କମ୍ ଭଡା ଥିବା ସତ୍ୱେ, ଆପଣ ବେସରକାରୀ ବସ୍‌ରେ ଯାଉଛନ୍ତି କାହିଁକି? ମୁଁ କହିଲି,ନାଇଁ ଆଜ୍ଞା ମୁଁ ଥରେ ଦୁଇଥର ଯାଇଛି ଯେ, କିନ୍ତୁ ଭୀଷଣ କଷ୍ଟକର ଯାତ୍ରା। ସିଟ୍ ଉପରୁ ସ୍ପଞ୍ଜ ଉଠିଯାଇ କେବଳ କାଠ ପଟା ଥାଏ, ଦୁର୍ବଳ ଟାୟାର ଟିୟୁବ୍ ଯୋଗୁ ବାଟରେ ପଙ୍କଚର ହେବାର ସମ୍ଭାବନା ସର୍ବାଧିକ। ଯାତ୍ରା ସମୟରେ ବସ୍‌ର ଅତ୍ୟଧିକ କମ୍ପନ ଜନୀତ ବ୍ୟାୟାମ ଯୋଗୁ, ଯାତ୍ରା ପରେ ଦିନେ ଦୁଇଦିନ ପାଇଖାନା ଯିବାର ଅସୁବିଧା ଅନୁଭୂତ ହେବା ସୁନିଶ୍ଚିତ। ମୋ କଥା ଶୁଣି ସମୀର ବାବୁ କହିଲେ, ଠିକ୍ ସେହିପରି ବେସରକାରୀ ଶିକ୍ଷାନୁଷ୍ଠାର କର୍ମକର୍ତ୍ତାଙ୍କ ବ୍ୟବସାୟୀକ ଓ ଲାଭଖୋର ମନୋବୃତିକୁ ଆମେ ବୁଝି ପାରିଥିଲେ ମଧ୍ୟ, ସରକାରୀ ଶିକ୍ଷାନୁଷ୍ଠାନର ଘୋର ଅବ୍ୟବସ୍ଥା, ଆମକୁ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଆକର୍ଷିତ ହେବାକୁ ବାଧ୍ୟ କରିଅଛି। ମୋର ଗୋଟିଏ ପ୍ରଶ୍ନର ଜବାବ, ସମୀର ବାବୁ ଏତେ ବାସ୍ତବ ଓ ଯୁକ୍ତିଭିତିକ ଶୈଳୀରେ, ଦୁଇଦୁଇଟି ପାଲଟା ପ୍ରଶ୍ନରେ , ମୋଠାରୁ ଉତର ଆଦାୟ କରିଦେବେ ବୋଲି ମୁଁ ବିଶ୍ୱାସ କରିନଥିଲି। ତଥାପି କହିଲି ଶୁଣନ୍ତୁ ଆଜ୍ଞା,ସରକାରୀ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ , ସରକାର ଏବେ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି। ମୋ କଥା ଶୁଣି,ସେ ଠୋ ଠୋ ହୋଇ ହସି କହିଲେ, ଭାଇ ସଂରକ୍ଷଣ ଅର୍ଥ, କଂଚା କିମ୍ବା ଦରପାଚିଲାକୁ କେମିକାଲ ଦେଇ ପଚାଇବା ସାଙ୍ଗେ ସମାନ। ଅଯୋଗ୍ୟକୁ ଯୋଗ୍ୟ ସାବ୍ୟସ୍ତ କରିବା। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂରକ୍ଷଣ ଭିତିକ ନିଯୁକ୍ତି ଅର୍ଥ ଦେଶକୁ ଧ୍ୱଂସାଭିମୁଖୀ କରାଇବାର ଏକ ସୁଗମ ପଥ। ଆରେ ଭାଇ ସରକାରୀ ବିଦ୍ୟାଳୟରେ ତ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି, ସାହିତ୍ୟ ଶିକ୍ଷକ ଗଣିତ ପଢାନ୍ତି। ଶିକ୍ଷକ ମାନେ ବର୍ଷସାରା ଜନଗଣନା, ବି.ପି.ଏଲ୍ ତାଲିକା ପ୍ରସ୍ତୁତ, ନିର୍ବାଚନ ପରିଚାଳନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟପୁସ୍ତକ, ସାଇକେଲ, ଔଷଧ ବଂଟନ ଏବଂ ତତ୍ ସଂପର୍କୀୟ କାଗଜ ପତ୍ର ପ୍ରସ୍ତୁତି ତଥା ପ୍ରତ୍ୟେକ ଦିନ ଗୋଟିଏ ଦୁଇଟି ଡାଟା ପୁରଣକରି ବି.ଇ.ଓ କିମ୍ବା ଡି.ଇ.ଓ ଅଫିସ୍‌କୁ ଦୌଡିବାରେ ନିୟୋଜିତ ଥାନ୍ତି। ସରକାରୀ ବିଦ୍ୟାଳୟରେ ଭୋଟ୍ ବୁଥ୍, ବନ୍ୟାବାତ୍ୟା ଆଶ୍ରୟସ୍ଥଳି, ଦଙ୍ଗାକାଳୀନ ପୋଲିସ ଶିବିର ଇତ୍ୟାଦି ଅନେକ ଛୁଟି ହୁଏ, ଯାହା ବେସରକାରୀ ବିଦ୍ୟାଳୟରେ ନଥାଏ। ତେଣୁ ଏହି ପରିପ୍ରେକ୍ଷୀରେ, ଆପଣ କଣ ଆପଣଙ୍କ ପିଲାଙ୍କୁ, ସରକାରୀ ବିଦ୍ୟାଳୟରେ ପଢାଇ ପାରିବେ ? ତାଙ୍କର ସରକାରୀ ବିଦ୍ୟାଳୟର ଅବ୍ୟବସ୍ଥା ବାବଦରେ ସ୍ପଷ୍ଟ ଏବଂ ବଳିଷ୍ଠ ଯୁକ୍ତି, ମୋତେ ନିର୍ବାକ କରିଦେଇଥିଲା। ମୁଁ କହିଲି ତେବେ, ଆପଣ ବେସରକାରୀ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଉପରେ କାହିଁକି ଦୋଷାରୋପ କରୁଛନ୍ତି ? ଆପଣତ ଅର୍ଥଶାସ୍ତ୍ରର ନିୟମ ଜାଣିଛନ୍ତି, ଦ୍ରବ୍ୟର ଚାହିଦା ବୃଦ୍ଧି ହେଲେ ମୂଲ୍ୟ ବୃଦ୍ଧି ହେବା ସ୍ୱାଭାବିକ୍। ଆପଣ ଯଦି ବେସରକାରୀ ବିଦ୍ୟାଳୟର ଦ୍ୱାରସ୍ଥ ନହେବେ,ତେବେ ସେମାନେ ତାଙ୍କ ଦ୍ରବ୍ୟର ଯେତେ ଗୁଣବତା ଥିଲେବି, ଦର ହ୍ରାସ କରିବାକୁ ବାଧ୍ୟ ହେବେ। ସରକାର ଯେପରି, ଅନଲାଇନ୍‌ରେ ଶିକ୍ଷାଦାନ କରୁଥିବା ତାଙ୍କର ଶିକ୍ଷକ ମାନଙ୍କୁ ପୂର୍ଣ ବେତନ ପ୍ରଦାନ କରୁଛନ୍ତି, ସେହିପରି ବେସରକାରୀ ବିଦ୍ୟାଳୟରେ, କରୋନା ପ୍ରଭାବରେ ଆର୍ଥିକ ଶଙ୍କଟ ଭିତର ଦେଇ ଗତି କରୁଥିବା ଶିକ୍ଷକ ମାନେ, ବେତନ ପାଇବା ଉଚିତ୍ ନୁହେଁକି ? ଏତିକି ହୋଇପାରେ, ସେମାନେ ଲାଭଖୋର ମନୋବୃତି ତ୍ୟାଗ କରି, କରୋନା ଯୋଗୁ ବାତିଲ ହୋଇଥିବା କାର୍ଯ୍ୟ ପାଇଁ ଆଦାୟ ଅର୍ଥ, ଯଥା-ବାର୍ଷିକ ଉତ୍ସବ, ପାଠାଗାର, ଗଣେଷ ଓ ସରସ୍ୱତୀ ପୂଜା, ଚିକିତ୍ସା ଖର୍ଚ୍ଚ ଇତ୍ୟାଦି ନିମନ୍ତେ ଉଚ୍ଚ ହାରରେ ଆଦାୟ ହୋଇଥିବା ଅର୍ଥ ରିହାତି କରିଦେଲେ, ବୋଧହୁଏ ସରକାର ଏବଂ ନ୍ୟାୟାଳୟର ହସ୍ତକ୍ଷେପ ଲୋଡା ହୁଅନ୍ତା ନାହିଁ। ଆଉ ସବୁଠାରୁ ବଡ କଥା ହେଲା, ସରକାର, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପିଲା ମାନଙ୍କୁ ଯେତେ ପ୍ରକାର ପ୍ରୋତ୍ସାହନ ଦିଅନ୍ତୁ, ଯେତେ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ, ଯଦି କେବଳ ଚିନ୍ତନ ନୁହେଁ, ନିୟମରେ ପରିବର୍ତନ ନଆଣିଛନ୍ତି, ତେବେ କେବେବି ଏ ଅବସ୍ଥାର ଅନ୍ତ ହେବ ନାହିଁ। କେବଳ ଗୋଟିଏ ନିୟମ, ସରକାରୀ କର୍ମଚାରୀ, ମନ୍ତ୍ରୀ , ଏମ୍.ଏଲ୍.ଏଙ୍କ ପିଲା ସରକାରୀ ବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସିଠାରେ ଅଧ୍ୟୟନ କରି ପାରିବେ ନାହିଁ, ଯଦି କରନ୍ତି ତେବେ, ସେମାନଙ୍କୁ ତାଙ୍କ ପଦ ପଦବୀରୁ ବହିଷ୍କାର କରାଯିବ। ତାପରେ ଆପଣ ଦେଖିବେ, କୌଣସି ପ୍ରୋତ୍ସାହନ ବିନା , ସରକାରୀ ବିଦ୍ୟାଳୟକୁ ପିଲା ଆକର୍ଷିତ ହେବା ସୁନିଶ୍ଚିତ ଏବଂ ବେସରକାରୀ ବିଦ୍ୟାଳୟରେ ତାଲା ଝୁଲିବା ନିଃସନ୍ଦେହ। ଜନ ସାଧାରଣଙ୍କର ସମସ୍ତ ସରକାରୀ ବ୍ୟବସ୍ଥାକୁ ଅନାଦର ସତ୍ୱେ, ସରକାରୀ ଚାକିରୀ ପାଇଁ କାହିଁକି ଏ ଉତ୍କଣ୍ଠା ? କଣ ଏହାର କାରଣ ? ଆପଣ ମାନେ ଜାଣିଛନ୍ତି, ଆମେ ମଧ୍ୟ ଜାଣିଛୁ। କହିବା କାହାକୁ , ଶୁଣିବ କିଏ ?

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

---

## କବିତା କୋଣାର୍କ

### ମହିମା ଯାତ..

କବିଜ୍ୟୋତି ନିରଞ୍ଜନ ପତି

ମାଘଶୁକ୍ଳ ଚତୁର୍ଦ୍ଦଶୀ ଯୋରନ୍ଦା ମେଳା
ମହିମା ଗୋସ୍ୱାମୀଙ୍କର ଚାଲିଛି ଲୀଳା
କେତେକେତେ ଭକ୍ତ
ଏଠି ଏକାଠି ହେବେ
ମହିମା ସ୍ୱାମୀଙ୍କ ଜୟଡାକ ସେ ଦେବେ
ବିଶ୍ୱବିଖ୍ୟାତ ଅଟଇ ମହିମା ଯାତ
ସର୍ବଧର୍ମ ସମନ୍ୱୟ ପବିତ୍ର କ୍ଷେତ୍ର।

ବିଶ୍ୱ ସୁଖ ଶାନ୍ତି ପାଇଁ ମନରେ ଭାଳି
କେତେକେତେ ଝାଡଦୀପ
ଉଠିବ ଜଳି।

ଖଞ୍ଜଣିରେ ଗାଇ ଭୀମ
ଭୋଇଙ୍କ ଗୀତ
ପାବନ ହୋଇବ ଭକ୍ତଗଣଙ୍କ ଚିତ୍ତ।

ଗାଦି ମନ୍ଦିରରେ ମିଳି ଭକତ ଗଣ
ଅମଣିଆ ଭୋଗଲାଗି କରିବେ ଜାଣ
ମହିମାଗୋସେଇଁ ଏଠି
ସମାଧି ନେଲେ
ନିରାକାର ଶୂନ୍ୟବ୍ରହ୍ମ ବାରତା ଦେଲେ
ଶୂନ୍ୟମନ୍ଦିର ସହିତ ଧୂନି ମନ୍ଦିର
ନୀତିମନ୍ଦିର ଦେଖିବା କେଡେ ସୁନ୍ଦର
ସପ୍ତାହକ ଯାଏ ଏହି ଯାତରା ହୁଏ
ଏହାଦେଖି ପର୍ଯ୍ୟଟକ ଆନନ୍ଦ ପାଏ
କାରୁକାର୍ଯ୍ୟପୂର୍ଣ୍ଣ ସିଂହଦୁଆର ଚାରି
ବିସ୍ମିତ ହୁଅଇ ଜନ ଦର୍ଶନ କରି।
ଆସ ଦେଖିଯିବା ଏହି ମହିମା ଯାତ
ପବିତ୍ର ହୋଇବ ଆମ ଏବେନି ନେତ୍ର।

+ଗାନ୍ଧୀମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

### ଗାଆଁରେ ବସନ୍ତ...

କୁନା ସେଠୀ

ପଲ୍ଲୀ କୋଳେ ଆଜି ବସନ୍ତ ଆସିଛି
ଦେଖାଇ ନିଜର ରୂପ
ଗାଆଁ ମାଟି ଆଜି ହସି ଉଠେ ଦେଖ
ସବୁଠି ତାହାରି ଛାପ ।

ଗାଆଁ ତୋଟା ମାଳେ
ଆମ୍ବ ଗଛେ ଆଜି
ବଉଳ ନାଚୁଛି ଦେଖ
ମହ ମହ ବାସ ମହକି ଆସୁଛି
ଗାଆଁ ମାଟି ଚାରି ପାଖ ।

ସୁଲୁ ସୁଲୁ ହୋଇ ସମୀର ଗାଉଛି
ମନ ମତାଣିଆ ଗୀତ
ପରିବେଶ ଆଜି ବଦଳି ଯାଇଛି
ଖରା ନାହିଁ କି ସେ ଶୀତ ।

କୋଇଲି ଆଜି ତ ରାଣୀ ସାଜି ଦେଖ
କୁହୁ କୁହୁ ଗୀତ ଗାଏ
ଗୀତରେ ଗୀତରେ କହି ଦିଏ ସିଏ
ବସନ୍ତକୁ ଭଲ ପାଏ ।

ଆକାଶରେ ନାହିଁ ଆଉ ମେଘ ମାଳା
ରାସ୍ତାରେ ନାହିଁ କାଦ
ଦେହରେ ନାହିଁ ଶୀତ ବସ୍ତ୍ର ଆଉ
ଲାଗୁନାହିଁ ଶୀତ ନିଦ ।

ଗଛରେ ଭରିଛି ନୂଆଁ ନୂଆଁ ପତ୍ର
କୋମଳ ସବୁଜ ହୋଇ
ସବୁଜ ଶାଢ଼ୀରେ ନବ ପୁଷ୍ପ ଧାରେ
ଦେଖାଇ ନିଜର ଛଇ ।

ମଥାକୁ ହଲାଇ ନୃତ୍ୟ ଠାଣି ଦେଇ
ବୃକ୍ଷ ଲତା ହସି ହସି
ବସନ୍ତ ପରଶେ ଲଭି ନବ ରୂପ
ହୁଅନ୍ତି ଅନେକ ଖୁସି ।

ବସନ୍ତ ଆସିଛି ଖୁସି ଆଣିଅଛି
ନବ ଦମ୍ପତିଙ୍କ ପାଇଁ
ପ୍ରେମର ରଙ୍ଗରେ ରଙ୍ଗୀନ ଫଗୁଣ
ରଙ୍ଗ ବାଣ୍ଟେ ଖୁସି ହୋଇ ।

ପାହାଡ ପର୍ବତ ନଦୀ ନାଳ ଯେତେ
ବସନ୍ତ ପରଶ ପାଇ
ଛଇଳ ଚପଳ ରୂପରେ ନିଜର
ଗୀତ ଯାଏ ଗାଇ ଗାଇ ।

ପଶୁ ପକ୍ଷୀ ଯେତେ ଲଭି କୃପା ସତେ
ଦିଶନ୍ତି ସୁନ୍ଦର କେତେ
ପ୍ରେମ ଦିଆନିଆ ଏଇତ ଦୁନିଆ
ବସନ୍ତ ପାଇଁ ତ ସତେ ।

ଅବିର ରଙ୍ଗରେ ମତୁଆଲ ଗାଆଁ
ମତୁଆଲା ପୁଅ ଝିଅ
କଥା ଦିଆନିଆ ଗାଉଁଲି କନିଆ
ଲାଜୁଆ ଲାଜୁଆ ମୁହିଁ ।

ମଧୁ ସନ୍ଧାନରେ ମହୁମାଛି ପରି
ପୁଅ ଖୋଜେ ନିଜ ସାଥି
ଫଗୁଣରେ ଭୋଜି ସାରିଦେଇ ବାପ
ସାଜି ଥାଏ ମହାରଥୀ ।

ଗାଆଁ ର ପ୍ରକୃତି ଫଗୁଣର ସାଥି
ରହିଛି ରହିବ ସିଏ
ମଣିଷ ଜୀବନ ଅଟଇ ମହାନ
ଭାବ ତାର ଲଭୁଥାଏ ।

+ଭୂତସରସିଙ୍ଗି,ଗଞ୍ଜାମ

## ଧାରାବାହିକ ପୌରାଣିକ ଉପନ୍ୟାସ

**ଭାଗ-୬**

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଦୁହିଁଙ୍କ ମଧ୍ୟରେ ଏମିତି ସ୍ନେହ, ଶ୍ରଦ୍ଧା, ଦେଖିଲେ ମୁଁ ଚକିତ ହୋଇପଡ଼େ । ବାସ୍ତବରେ ମଣିଷ ଆଉ ପଶୁ ମଧ୍ୟରେ କିଛିଟା ସାମଞ୍ଜସ୍ୟ ରହିଛି । ପଶୁର ଭାଷା ବୁଝି ନ ହେଲେ ବି ବୁଝିହୁଏ ତାଙ୍କର ସ୍ନେହ, ଆନ୍ତରିକତା । ମଣିଷ ଓ ପଶୁ ଭିତରେ ଏଇ ପାରସ୍ପରିକ ପ୍ରେମ ଓ ସହାନୁଭୂତି ସେମାନଙ୍କୁ ଏକାଠି ବାନ୍ଧି ରଖିଥାଏ । ବାସ୍ତବରେ କେତେ ନିବିଡ଼ ସେ ବନ୍ଧନ । ଅନୁଭବୀ ହିଁ କେବଳ ବୁଝିପାରେ ସେ ଆତ୍ମୀୟତା ।

ବାପାଙ୍କ ପାଖେପାଖେ ଥାଇ ମୁଁ ବି ଘୋଡ଼ାମାନଙ୍କ ସହ କିଛିଟା ଏକାତ୍ମ ହୋଇଗଲିଣି । ବୁଝିଗଲିଣି ସେମାନଙ୍କ ଭାଷା, ଭାବ । ତେଣୁ ବେଳେବେଳେ ବାପାଙ୍କ ଅନୁପସ୍ଥିତିରେ ଘୋଡ଼ାମାନଙ୍କୁ ବାପା ଯେମିତି ଖାଇବାକୁ ଦିଅନ୍ତି, ମୁଁ ବି ଠିକ୍ ସେମିତି ଖାଇବାକୁ ଦିଏ । ସେମାନଙ୍କୁ ଜଳ ଢାଳି ଗାଧୋଇଦିଏ ।

ସେଦିନର କଥା କେବେବି ଭୁଲି ପାରିବି ନାହିଁ । ଘୋଡ଼ାମାନଙ୍କୁ ଖାଇବାକୁ ଦେଇ ତାଙ୍କୁ ଲକ୍ଷ୍ୟ କରୁଥିଲି । ବାପା କୁଆଡ଼େ ଥିଲେ କେଜାଣି, ମୋ ସାମନାରେ ଆସି ହାଜର ।

ବସୁ କେତେଦିନ ଆଉ ଏମିତି ଗାଁରେ ରହିଥିବୁ । ମୋ ପରି କ'ଣ ଏଇ ଘୋଡ଼ାମାନଙ୍କର ସେବା କରିବୁ । ମୁଁ କିନ୍ତୁ ସେଇଆ ଚାହେଁନା । ତୋ ପାଇଁ ମୋ ମନରେ ଅନେକ ଆଶା, ଆକାଂକ୍ଷା । ତୋତେ ସେସବୁ ପୂରଣ କରିବାକୁ ପଡ଼ିବ । ତୋ ପାଇଁ ମୁଁ ସବୁ ବ୍ୟବସ୍ଥା କରିଆସିଛି । ଏଥର ତେଣୁ ତୋତେ ମୋ ସହ ହସ୍ତିନାପୁର ଯିବାକୁ ପଡ଼ିବ । ସେଠାରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପାଖରେ ତୋତେ ଅସ୍ତ୍ରଶିକ୍ଷା କରିବାକୁ ପଡ଼ିବ ।

ମୁଁ କେମିତି କହିବି ବାପାଙ୍କୁ ତୁମ ମୁହଁରୁ ଏତିକି ଶୁଣିବାପାଇଁ ମୁଁ ତ ଅପେକ୍ଷା କରିଥିଲି । ଏ ତ ମୋ ପାଇଁ ପରମ ସୌଭାଗ୍ୟ । ଅନେକ ଆଗରୁ ମୁଁ ତ ରାଜା ହେବାର ସ୍ୱପ୍ନ ଦେଖୁଥିଲି । ତୁମର ଏ ପ୍ରସ୍ତାବ ମୋ ପାଇଁ ତ ସୁବର୍ଣ୍ଣ ସୁଯୋଗ ।

ମୋ ମନରେ ଆନନ୍ଦର ଲହରୀ ଖେଳୁଥିଲା । ହସ୍ତିନାପୁର ରାଜପ୍ରାସାଦ, ରାଜକୁମାର ମାନଙ୍କ ସହ ବିଦ୍ୟାଶିକ୍ଷା, ବାସ୍.... ବେଶ୍ ମଜାର କଥା । ରାଜକୁମାର ମାନେ ହେବେ ମୋର ସହପାଠୀ, ସାଥୀ । ମୋ ମନରେ ଅହେତୁକ କୌତୁହଳ । କେବେ ଯିବି, କେବେ ଭେଟିବି ସେ ରାଜକୁମାର ମାନଙ୍କୁ ।

ମୁଁ ଅଧିରଥ ସାରଥିଙ୍କ ପୁତ୍ର, ତେଣୁ ସୂତପୁତ୍ର ଭାବେ ଘୋଡ଼ାମାନଙ୍କ ସେବାଯତ୍ନ ଓ ରଥଚାଳନା ମୋର ପୈତୃକ ବେଉସା, ପ୍ରଥମତଃ, ନିଜସ୍ୱ କୌଳିକ ବୃତ୍ତି କରିବା ମୋର କର୍ତ୍ତବ୍ୟ । ହେଲେ, ବାପା ଯେ ଏହାଠାରୁ ବଳି ଆଉ ଏକ ଭିନ୍ନଦୃଷ୍ଟିରେ ମୋତେ ଗଢ଼ିବାକୁ ଚାହାଁନ୍ତି । ଏହା ମୁଁ ସେଦିନ ନିଜେ ବାପାଙ୍କ ମୁହଁରୁ ଜାଣିପାରି ନିଜକୁ ଭାଗ୍ୟବାନ ମନେ କରୁଥିଲି । ଆଉ କେହି ବାପା ହୋଇଥିଲେ କହିଥାନ୍ତେ ଘୋଡ଼ାମାନଙ୍କୁ ବୋଲ ମନାଇବା ଶିଖିଯା କାମରେ ଲାଗିବ । ହେଲେ ମୋ ବାପା ଅନ୍ୟ ବାପାମାନଙ୍କ ଠାରୁ ନିଆରା ମଣିଷଟିଏ । ତାଙ୍କର ଚିନ୍ତାଧାରା ଏ ଦୃଷ୍ଟିରେ ଅନେକ ଉର୍ଦ୍ଧ୍ୱରେ । ମନେମନେ ମୁଁ ବାପାଙ୍କ ଉପରେ କୃତ୍ୟକୃତ୍ୟ ହେଉଥାଏ । କୃତଜ୍ଞତାରେ ଅନ୍ତର ମୋର ପୂରି ଉଠୁଥାଏ । ମୁଁ ଯେ ମୋ ବାପାଙ୍କର ଅନେକ ସ୍ୱପ୍ନ, ଗର୍ବ ଓ ଗୌରବ । ମନେମନେ ଶପଥ ନେଲି ବାପାଙ୍କ ଇଚ୍ଛାକୁ ସାକାର କରିବି । ବଡ଼ହେଲେ ତାଙ୍କର ଆଶା, ସ୍ୱପ୍ନକୁ ପୂରଣ କରିବି ।

ବାପା ଘରକୁ ଆସିଲେ ଆମ ଘର ଦାଣ୍ଡପିଣ୍ଡାରେ ଗାଁ ଲୋକଙ୍କ ଭିଡ଼ ଜମୁଥିଲା । ଗାଁରେ ବାପାଙ୍କୁ ସମସ୍ତେ ମାନନ୍ତି, ସମ୍ମାନ ଦିଅନ୍ତି । କାରଣ ବାପା ହସ୍ତିନାପୁରର ରାଜସାରଥୀ ।

ସେଦିନ ବି ବାପାଙ୍କୁ ଘେରି ବସିଥିଲେ ଆମ ଗାଁର ଲୋକମାନେ । ବାପା ସେମାନଙ୍କୁ ମୋ ବିଷୟରେ କହୁଥାନ୍ତି । ମୁଁ ଠିକ୍ ସେଇ ସମୟରେ ସେ ବାଟେ ଯାଉଥିଲି । ବାପାଙ୍କ କଥା ମୋ କାନରେ ପଡ଼ିବାରୁ ଆଢୁଆଳରେ ରହି ଶୁଣୁଥିଲି ତାଙ୍କ କଥା । ମୁଁ କୁଆଡ଼େ ଛୋଟ ଶିଶୁଟିଏ ଥିବାବେଳେ ଗାଁକୁ ଜଣେ ଜ୍ୟୋତିଷ ଆସିଥିଲେ, ସେ ମୋର ହାତରେଖାକୁ ଦେଖି କୁଆଡ଼େ କହିଥିଲେ ଏ ଶିଶୁ ବଡ଼ହେଲେ ବଡ଼ ବୀରଟିଏ ହେବ । ଯୋଦ୍ଧା ସାଜି ଯୁଦ୍ଧ କରିବ । ରାଜ୍ୟ ଜୟକରି ରାଜା ହେବ । ବାପା ତାଙ୍କ ମୁହଁରୁ ମୋ ସମ୍ବନ୍ଧରେ ଏମିତି ଭବିଷ୍ୟତବାଣୀ ଶୁଣି ମୋତେ ଅସ୍ତ୍ରବିଦ୍ୟା ଶିକ୍ଷାଦେବାକୁ ମନସ୍ଥ କରିଥିଲେ । ଆଉ ସେଥିପାଇଁ ବହୁକଷ୍ଟରେ ରାଜାଙ୍କର କୃପାପ୍ରାର୍ଥୀ ହୋଇ ହସ୍ତିନାପୁରରେ ଯୁବରାଜମାନଙ୍କ ସହ ମୋର ଅସ୍ତ୍ରଶିକ୍ଷା ପାଇଁ ସମ୍ମତି ପାଇଛନ୍ତି । ଗାଁ ଲୋକେ ଅତି ଆନନ୍ଦର ସହ ବାପାଙ୍କ କଥାକୁ ସମର୍ଥନ କରୁଥାନ୍ତି । ସମସ୍ତେ ହିଁ ଏକସ୍ୱରରେ କହୁଥାନ୍ତି । ଏ ତ ଅତି ଉତ୍ତମ ପ୍ରସ୍ତାବ । ସୂତକୁଳର ପୁତ୍ରଟିଏ ବଂଶର ଗୌରବ ବଢ଼ାଇବ, ନାମ ରଖିବ । କେବଳ ବାପା, ମା ନୁହଁନ୍ତି ବସୁକୁ ପାଇ ଆମ ଗାଁ ମାଟି ଧନ୍ୟ ହୋଇଯିବ ।


ସେମାନଙ୍କର କଥାବାର୍ତ୍ତା ସବୁ ଶୁଣିବା ପରେ ମନ ମୋର ଚଳଚଞ୍ଚଳ ହୋଇ ଉଠିଲା । ମୁଁ ବି ତ ଏହା ପୂର୍ବରୁ ରାଜା ହେବାର ସ୍ୱପ୍ନ ଦେଖୁଥିଲି । ଆଉ ମୋ ମନ ଜାଣି ବାପା ମଧ୍ୟ ଏସବୁର ବ୍ୟବସ୍ଥା କରୁଛନ୍ତି । ସତରେ ଏ ଚମ୍ପାପୁର ମାଟିରେ ମୁଁ ବୋଧେ ବେଶି ଭାଗ୍ୟବାନ । ସାମାନ୍ୟ ଜଣେ ଗ୍ରାମ୍ୟବାଳକ ହୋଇ ରାଜପୁତ୍ର ମାନଙ୍କ ସହ ଏକାଠି ଅସ୍ତ୍ରଶିକ୍ଷା, କରିବାର ସୁଯୋଗ ମୋ ଭଳି ଜଣେ ସୂତପୁତ୍ର ପାଇଁ କୋଟିନିଧି ପାଇଲା ପରି । ବାସ୍ତବରେ ମୋ ବାପା କେତେ ମହାନ୍ । ଏମିତି ଏକ ଉଚ୍ଚାକାଂକ୍ଷୀ ବାପାଙ୍କ ପାଇଁ ଗର୍ବ ଆସୁଥିଲା ମନରେ । ସ୍ୱତଃ ମୋ ମୁଣ୍ଡ ନଇଁ ଯାଉଥିଲା ତାଙ୍କ ପଦତଳେ ।

ମୋ ଜୀବନର ସମସ୍ତ ଦୁଃଖ, ସୁଖରେ ମୁଁ ମୋର ଗୁରୁ ସୂର୍ଯ୍ୟଦେବଙ୍କୁ ହିଁ ପ୍ରଣାମ କରେ । ସେଦିନ ମଧ୍ୟ ବାପାଙ୍କ ଏ ପ୍ରସ୍ତାବ ଶୁଣି ଯୋଡ଼ହସ୍ତରେ ଉର୍ଦ୍ଧ୍ୱକୁ ଅନାଇ ସୂର୍ଯ୍ୟଦେବଙ୍କୁ ପ୍ରଣାମ କଲି । ମନେମନେ କହିଲି, ହେ ସୂର୍ଯ୍ୟଦେବ, ତୁମେ ହିଁ ସେଦିନ ମୋତେ ଅଭୟବାଣୀ ଶୁଣାଇ କହିଥିଲ ଜୀବନରେ ଯଶସ୍ୱୀ ହେବାକୁ ତୁମରି ଠାରୁ ପରୋକ୍ଷରେ ମୁଁ ସାହସ ପାଇଛି, ଆଶୀର୍ବାଦ ପାଇଛି । ତୁମେ ସକଳ ଶକ୍ତିର ଆଧାର । ଏ ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା । ତେବେ ମୋ ମନରେ ଯେଉଁ ଦ୍ୱିତୀୟ ସୂର୍ଯ୍ୟ ହେବାର ଆଶା, ଆକାଂକ୍ଷା, ସ୍ୱପ୍ନ ରହିଛି । ତାହା କ'ଣ ପୂରଣ ହେବନି ?

ହଁ ମୁଁ ବୀର ହେବି । ହେବି ପୁଣି ଯଶସ୍ୱୀ, ରାଜଚକ୍ରବର୍ତ୍ତୀ । ଦୁନିଆ ଦେଖିବ, ସୂତବଂଶରେ ଖେଳି, ବଡ଼ହୋଇ ବି କର୍ଣ୍ଣ ସୂର୍ଯ୍ୟର ଆଲୋକରେ ତେଜିୟାନ୍, ସୂର୍ଯ୍ୟବଂଶର ଉପଯୁକ୍ତ ଦାୟାଦ ।

ହଁ..... ହଁ..... ମୁଁ ଏ ଜଗତ୍‌ବାସୀଙ୍କ ଆଖିରେ ହେବି ଦ୍ୱିତୀୟ ସୂର୍ଯ୍ୟ.... ଦ୍ୱିତୀୟ ସୂର୍ଯ୍ୟ..... । ବହୁତ ଖୁସିରେ ମୁଁ ସେଦିନ ଚରିଆଡ଼କୁ ଧାଇଁଲି । ଗଂଗାକୂଳରେ ପହଞ୍ଚି ମାଆ ଗଂଗାଙ୍କୁ ମନକଥା ଜଣାଇ ପ୍ରଣାମ କଲି । ଧାଇଁଲି ପୁଣି ଚମ୍ପାବଣରେ । ଚମ୍ପାଗଛର ଗହଳିଆ ପତ୍ର ଆଢୁଆଳରେ ଦେଖିଲି ଅପରାହ୍ଣ ସୂର୍ଯ୍ୟଙ୍କର ଝାପ୍‌ସା କିରଣ । ମୋ ତନୁମନରେ ଖେଳିଗଲା ଅପୂର୍ବ ଶିହରଣ । ମୋ ମନରେ ଘାରି ରହିଥିଲା କେବଳ ଗୋଟିଏ ଚିନ୍ତା, ଗୋଟିଏ ଭାବନା, ଗୋଟିଏ କାମନା ଯାହା ମୋର ସମଗ୍ର ସତ୍ତାକୁ କରୁଥିଲା ଉଦ୍‌ବୁଦ୍ଧ ।

ହସ୍ତିନାପୁର ଗୋଟିଏ ରାଜ୍ୟର ନାମ । ଯେଉଁ ନାମଟି ମୁଁ ପୂର୍ବରୁ ଅନେକବାର ଶୁଣିଥିଲି ବାପା, ମାଆଙ୍କ ମୁହଁରୁ । ହେଲେ ଦେଖିବାର ସୁଯୋଗ ଆସି ନଥିଲା । ହେଲେ ଆଜି ସେ ସୁବର୍ଣ୍ଣ ସୁଯୋଗ ମୋ ହାତମୁଠାକୁ ଆସିଛି । ମୁଁ କେବଳ ତାକୁ ଦେଖିବିନି । ସେଇଠାରେ ହିଁ ରହିବି, ଖାଇବି, ପିଇବି ପୁଣି ପଢ଼ିବି । ରାଜକୁମାର ମାନଙ୍କୁ ସହପାଠୀ ରୂପେ ପାଇବି । ଏହାଠାରୁ ବଳି ଭାଗ୍ୟ ଆଉ କ'ଣ ଥାଇପାରେ ମୋ ପାଇଁ । ଦୀର୍ଘଦିନର ସ୍ୱପ୍ନ ମୋର ସାକାର ହେବାକୁ ଯାଉଛି । ସତରେ କ'ଣ ରାଜକୁମାର ମାନେ ମୋତେ ତାଙ୍କ ସହ ସାଥୀ କରିବେ ? ନା ରାଜପୁତ୍ର ହେବାର ସୁଯୋଗ ପାଇନି ବୋଲି ମୋତେ ହତାଦର କରିବେ । କିଏ ଜାଣେ, କେତେଦିନ ସେଠାରେ ମୋତେ ଅବସ୍ଥାନ କରିବାକୁ ପଡ଼ିବ । ମୋ ମନରେ ତେଣୁ



ସୁଖ ଦୁଃଖର ଫେଣ୍ଟାଫେଣ୍ଟି ସମ୍ମିଶ୍ରଣ । ଯେତେ ଯାହା ହେଲେ ବି, ସ୍ୱପ୍ନକୁ ସାକାର କରିବାକୁ ମୋତେ ପ୍ରୟାସ କରିବାକୁ ପଡ଼ିବ ।

ତଥାପି ସଂଶୟ ଜାଗୁଥିଲା ମନରେ । ସୂତକୁଳରେ ବାଲ୍ୟକାଳୁ ବଢ଼ିଥିବା ବାଳକଟି ରାଜକୁମାର ମାନଙ୍କ ସହ ମିଶିପାରିବ ତ ? ମହାରାଜଙ୍କ ରଥର ସାରଥିର ପୁତ୍ର ସିଏ । କ୍ଷତ୍ରିୟ ବାଳକ ମାନଙ୍କ ସହ ଏକାଠି ବସି ଅସ୍ତ୍ରଶିକ୍ଷା କରିପାରିବ ତ ? କେହି ଯଦି ତାକୁ ନୀଚକୁଳର ଜନ୍ମିତ ବୋଲି ଘୃଣା କରେ । ବିଶେଷକରି ଗୁରୁ ଦ୍ରୋଣ । ସେ ତାଙ୍କୁ ଶିଷ୍ୟର ଅଧିକାର ଦେବେ ତ ? ବାପା ସିନା ସ୍ୱୟଂ ମହାରାଜାଙ୍କ ଅନୁକମ୍ପାରୁ ଅନୁମତି ନେଇ ଆସିଛନ୍ତି । ହେଲେ ବାସ୍ତବକ୍ଷେତ୍ରରେ ସେ ଯଦି ଅବହେଳିତ ହୁଏ, ତିରସ୍କାରର ଶିକାର ହୁଏ ତେବେ ସେ ସହିପାରିବ ତ ସେ ଲାଞ୍ଛନା ।

ଏମିତି ଅନେକ ଭାବନା ମଧ୍ୟରେ ବୁଡ଼ି ରହିଥିବା ବେଳେ କିଏ ଯେମିତି ମନରେ ସାହସ ଭରି ଦେଇ କହୁଥିଲା । ପାରିବୁ କର୍ଣ୍ଣ ପାରିବୁ, କାହିଁକି ଏମିତି ହତୋତ୍ସାହ ହୋଇପଡୁଛୁ । ଜନ୍ମ ସିନା ଦୈବର ଆୟତ୍ତ । ହେଲେ କର୍ମ, ସେ ତ ନିଜସ୍ୱ । ନିଜ କର୍ମବଳରେ ତୋ ବଳିଷ୍ଠ ପୌରୁଷକୁ ତୁ ଗଢ଼ି ପାରିବୁ । ବ୍ୟସ୍ତ ହଅନା । ମନରେ ଉଚ୍ଚ ଅଭିଳାଷ ଥିଲେ ସବୁ କିଛି ଅସାଧ୍ୟ ସାଧ୍ୟ ହୁଏ । ତୁ ବୀର । ନିରାଶ ହୋଇ ମନୋବଳ ଭାଂଗିଦେବା ବୀର ପକ୍ଷରେ ଶୋଭନୀୟ ନୁହେଁ । ଦୈବ ଉପରେ ଭରସା ରଖ । ଦିନେନା ଦିନେ ଯଶସ୍ୱୀ ହେବୁ । ସୂର୍ଯ୍ୟସମ ତେଜିୟାନ୍ ହେବୁ ।

ଦୁଇବାହୁରେ ମୋର ସହସା ଶକ୍ତି ଆସିଗଲା । ଦୁଇ ହାତର ମୁଠା ଫୁଲି ଉଠିଲା । ଫୁଲି ଉଠିଲା ବି ମୋର ଛାତିର ମାଂସପେଶୀ । ସ୍ୱତଃ ମୋ ହାତ ଚାଲିଗଲା ଛାତି ପାଖକୁ । ଯେଉଁଠି ରହିଛି ମୋର କବଚ । ଓଃ... କି ଶକ୍ତ ସେ କବଚ ।

ହଁ..... ମୋ ଶରୀରରେ ରକ୍ଷାକବଚ ଥାଉଥାଉ ଦବିଯିବା ଠିକ୍ ହେବନି । ମୋର ମନକୁ ମନ କହିଲି । ମୁଁ ପାରିବି, ସବୁ ପାରିବି । ସମଗ୍ର ଜଗତକୁ ଦେଖାଇଦେବି, ନୀଚକୁଳରେ ଜନ୍ମିତ ପରମ୍ପରା ଓ ଅନ୍ଧବିଶ୍ୱାସରେ ଭରା ଏହି ଜରାଜୀର୍ଣ୍ଣ ସମାଜର ମୁଖାକୁ ଖୋଲିଦେବି । ଦୁନିଆ ଜାଣିବ, ଜଣକର ବଳବୀର୍ଯ୍ୟ, ସାହସ, ଦମ୍ଭ, ଶକ୍ତିର ବିଚାର କେବଳ କୁଳକୁ ନେଇ ହୁଏନା । ଦିନେନା ଦିନେ ଏ ଜଗତ କହିବ, କର୍ଣ୍ଣ ଯାହା କହେ ତାକୁ କାମରେ କରି ଦେଖାଇ ଦିଏ । ଜଗତବାସୀଙ୍କ ପାଇଁ ମୋତେ ଦ୍ୱିତୀୟ ସୂର୍ଯ୍ୟ ହେବାକୁ ପଡ଼ିବ । ତେଣୁ ଭୀରୁ ପରି ପଛଘୁଞ୍ଚା ଦେଲେ ମୋ ବୀରତ୍ୱର ଅସମ୍ମାନ ହେବ ।

ମୋ ପ୍ରାଣର ସ୍ପନ୍ଦନ ତୀବ୍ରରୁ ତୀବ୍ରତର ହେଉଥିଲା । ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟ ଚାଲିଥିଲା ଖୁବ୍ ଜୋରରେ । ମୋ ମନରେ କ୍ରୋଧିତ ଅଭିମାନର ଏକ ଫେଣ୍ଟାଫେଣ୍ଟି ମିଶ୍ରଣ । ମୁଁ ମାନୀ, ଅଭିମାନୀ । ସବୁ ସହିପାରେ । କିନ୍ତୁ ବ୍ୟଙ୍ଗ, ବିଦ୍ରୂପ ମୋ ପାଇଁ ଅସହ୍ୟ । ଏବେବି ମୋର ଜନ୍ମରହସ୍ୟ ସଂପୂର୍ଣ୍ଣ ଭାବେ ମୋତେ ଜଣାନାହିଁ । କେବଳ ମୋ ମନରେ ସନ୍ଦେହ ଜାତ ହେଲେ ମୁଁ ମୋର ଗୁରୁଦେବ ସୂର୍ଯ୍ୟଙ୍କୁ ଏ ବିଷୟରେ ପ୍ରଶ୍ନ ପଚାରେ କାରଣ ତାଙ୍କୁ ହିଁ ମୁଁ ଧରିନେଇଛି ମୋର ଆଦ୍ୟଗୁରୁ ବୋଲି, ତେଣୁ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯୋଡ଼ହସ୍ତରେ ପ୍ରଣାମ ଜଣାଇଲି, ହେ ସୂର୍ଯ୍ୟଦେବ..... ମୋର ହସ୍ତିନାପୁର ଯିବା ନିଶ୍ଚିତ ହେବ ତ ?

ହଠାତ୍ ଯେମିତି ସୂର୍ଯ୍ୟମଣ୍ଡଳ ମଧ୍ୟରେ ଏକ ଦୀପ୍ତମାନ ମୁଖମଣ୍ଡଳ ଝଲସି ଉଠିଲା । କିଏ ଯେମିତି ଚେତାଇ ଦେଇ କହିଲା, ଯାଅ, ଆଗେଇ ଯାଅ । ଯାତ୍ରା ତୁମର ଶୁଭଙ୍କର ହେଉ । ଉଜ୍ଜ୍ୱଳ ହେଉ ଭବିଷ୍ୟତ । ଏ ଦେଶର ଇତିହାସ ତୁମଠାରୁ ଅନେକ କିଛି ଆଶା, ଭରସା ରଖିଛି । ଆଗାମୀ କାଲିର ଇତିହାସ ତୁମ ସ୍ତୁତି ଗାନ କରିବ । ଇତିହାସ ବକ୍ଷରେ ଲେଖାହୋଇ ରହିଯିବ ତୁମର ଆଉ ଏକ ନାମ । ଯାହା ସୂର୍ଯ୍ୟଙ୍କ ସହ ଯୋଡ଼ି ହୋଇ ହେବ ଏକ ନୂତନ ନାମଟିଏ, ଦ୍ୱିତୀୟ ସୂର୍ଯ୍ୟ । ତୁମ ପ୍ରଗତି ପଥରେ କୌଣସି ଗ୍ଲାନି ନ ରଖି ଆଗେଇ ଯାଅ । ଲକ୍ଷ୍ୟ ହେବ ସଫଳ ।

ବହୁତ ଖୁସି ଲାଗୁଥିଲା । ନିଜ ମନକୁ ବୁଝାଇ ନେଲି । ହସ୍ତିନାପୁର ଯିବା ଆନନ୍ଦରେ କୁରୁଳି ଉଠୁଥିଲା ମୋ ତନୁମନ । ପଶ୍ଚିମ ଦିଗ୍‌ବଳୟରେ ବୁଡ଼ି ଯାଉଥିଲେ ସୂର୍ଯ୍ୟଦେବ । ଚମ୍ପାବନରୁ ଭାସି ଆସୁଥିଲା ଫେରନ୍ତା ବିହଙ୍ଗ ମାନଙ୍କର କାକଳି ।

(କ୍ରମଶଃ)

ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ବୁଝି ପାରିଲିନି ତୁମ ସର୍ତ୍ତ

**ରଶ୍ମୀ ସାମଲ**



ସେ ଦିନ ବୁଝି ପାରିନଥିଲି
ତୁମ ଭଲ ପାଇବାର ସର୍ତ୍ତ
ଜାଣି ପାରି ନଥିଲି
ତୁମ ଛଳନାର ଭାଷା ।

କେମିତି ବିଶ୍ୱାସ କରିବି
ବାରମ୍ବାର ଠକି ଦେଉଥିବା ଫଗୁଣକୁ
ଆଉ ସମୁଦ୍ର ଭିତରର ସେହି
ଅହଂଙ୍କାରୀ ଶାନ୍ତ ପଣକୁ ।

ମୁ ତ ମାଗି ନଥିଲି ଆକାଶ
ଆଉ ସମ୍ପୂର୍ଣ୍ଣ ମେଦିନି
ଅବା ରୁପା ଜହ୍ନ
ଆଉ ସୁନା କଣ୍ଢେଇ ।

ଖୋଜିଥିଲି ଦିନେ ତୁମରି
ପ୍ରେମର ଦୁଇ ବୁନ୍ଦା ମିଠା ପାଣି
ତୁମେ ଦେଖେଇଲ ବିଶାଳ ସମୁଦ୍ର
ତଥାପି ଶୋଷ ମୋ ମେଣ୍ଟିଲାନି ।

ଆଜି ବି ତୁମେ ମୋ କାହାଣୀର
ନିରବ ବିଶ୍ଳେଷଣ
ହୃଦୟର ଏହି ଗୋପନିୟତାରେ
ଅନ୍ୟ ଏକ ସମ୍ଭାଷଣ ।

ନିରୁତ୍ତର ଏକ ନିସଙ୍ଗ ମୁହୂର୍ତ୍ତେ
ନିଚ୍ଛକ ନିରବ ସତ୍ତା
କେମିତି ଏ ସମ୍ପର୍କ ଅଧୁରା ଇଚ୍ଛା
ଏକାନ୍ତ ରାତିର ଯାତନା
କେତେ ଆଶ୍ଚର୍ଯ୍ୟ ଏ ସମ୍ପର୍କ ।

+ଭୁବନେଶ୍ୱର,
ମୋ:୯୪୩୭୧୧୫୮୬୫

## ଆଜିର କବିତା

### ଅଦୃଶ୍ୟ

**ମିନତୀ କର**



ଶବ୍ଦ ବିନ୍ୟାସର ଯାଦୁକରୀ ମାୟା
କବିତାରେ ଯେବେ ମେଲାଏ କାୟା
ବୁଝିବାରେ ଆଉ କହିବାରେ
ତରଙ୍ଗାୟିତ ହୃଦୟରେ ।

ଢେଉ ସବୁ ଲଘିଂଯାଏ
ମନ ସମୁଦ୍ରର ସୀମା ପାରି ହୋଇ
କାହିଁ କୋଉ ଜଗତ ବାହାରେ
ଅନନ୍ତ ଆକାଶର ନୀଳିମାରେ
ବ୍ୟାପ୍ତ ହୋଇ ପୁଣି ପ୍ରକଟିପାରେ
ସୁନ୍ଦର ପରିକଳ୍ପନାଟିଏ ।

ଜଡ଼ର ଅନୁଭବକୁ
ବସ୍ତୁତ୍ୱର ବସ୍ତୁକୁ
ତୁମକୁ ନା ଆଉ କାହାକୁ
କୋଉ ଅକୁହା ମନକୁ
ଉଜ୍ଜିବୀତ କରି ଛୁଇଁଯାଏ
କୁହ କାହାର ଏ ମାୟା
କାହାର ଏ ଛାୟା ।

+ବାହାନଗା, ବାଲେଶ୍ୱର

### କୃଷକ

**ରତ୍ନକାନ୍ତି ମିଶ୍ର**



ଦେଶର ରକ୍ଷକ ତୁହିରେ କୃଷକ
ସଂସାରରେ ତୁହି ଶ୍ରେଷ୍ଠ
ସଭିଙ୍କ ମୁହଁରେ ଫୁଟାଇଛୁ ହସ
ସହିଛୁ ତୁ କେତେ କଷ୍ଟ ।

ରକତର ବିନ୍ଦୁ ନିଗାଡି ଦେଇଛୁ
ଦେଶର ଜନତା ପାଇଁ
ଅନ୍ନଦାତା ସାଜି ଯୋଗାଉ ତୁ ଦାନା
ତୋ ତ୍ୟାଗ ତୁଳନା ନାହିଁ ।

ସବୁ ଭାଗ୍ୟ ଲେଖେ ଭାଗ୍ୟଧର ପରା
ତୁହି ଲେଖୁ ଦେଶ ଭାଗ୍ୟ
ଦେଶ ପ୍ରଗତିରେ ସାହା ହେଉ ସିନା
ତୋ ଭାଗ୍ୟରେ ନାହିଁ ଭୋଗ ।

ମାଟିରେ ତୋ ଜନ୍ମ ମାଟିରେ ତୋ କର୍ମ
ମାଟି ତୋର ପରିଚୟ
ମାଟି ମା' ସନ୍ତାନ ହୋଇ ହୀନିମାନ
ମାଟିରେ ଅଜାଡୁ ଲୁହ ।

ଭୋକର ଭୂଗୋଳ ପଢି ବାରବାର
ଉଣା କରିନାହୁଁ ମନ
ଏଇ ଧରା ପୃଷ୍ଠେ କୃଷକଟିଏ ତୁ
ଦୁଃଖେ ନୋହୁଁ ମ୍ରିୟମାଣ ।

ଖୋଜି ନାହୁଁ କେବେ ସୁଖ ପାରିଜାତ
ସୁନା ଥାଳିଆରେ ଭାତ
କାଳିଆ କଷରା ତୋ' ଧନ ସମ୍ପଦ
ହଳ ଲଙ୍ଗଳ ତୋ ମିତ ।

ସମାଜର ତୁହି ଅଟୁ ମେରୁଦଣ୍ଡ
ଖୋଜିନାହୁଁ ସନମାନ
ଏ ମାଟି ଗୌରବ ତୁହି ରେ କୃଷକ
ଧନ୍ୟ ତୋର ସ୍ୱାଭିମାନ ।

+ଆଳି , କେନ୍ଦ୍ରାପଡ଼ା

## ଅନୁଭୂତି ସେ ଏକ ସତ ସ୍ୱପ୍ନର ସୃଷ୍ଟି

**ଶୁନ୍ୟରୂପା**

**ଏଲିଏନ :** ବୈଜ୍ଞାନିକ ମାନେ କୁହନ୍ତି, ସେମାନେ ଗ୍ରହାନ୍ତରରୁ ବେଳେବେଳେ ପୃଥିବୀ ପୃଷ୍ଠକୁ ଆସନ୍ତି । ସେମାନେ ମାନବୋତ୍ତର, ଅପାର୍ଥିବ ଶକ୍ତି ସମ୍ପନ୍ନ । ଦୈବୀ ଶକ୍ତି, ଯୋଗ ଶକ୍ତି, ତନ୍ତ୍ର ଶକ୍ତି, ଜ୍ୟୋତିଷ ଶକ୍ତି ବା ଉଚ୍ଚ ଧରଣର ବିଜ୍ଞାନ ଶକ୍ତି ସଦୃଶ ଏମାନେ ଅଦ୍ଭୁତ । ୨୦୧୯ରେ ସେମାନେ ପୁଣିଥରେ ପୃଥିବୀକୁ ଆସିବେ ବୋଲି ସମ୍ବାଦପତ୍ରରେ ପଢ଼ିଥିଲି । ଦୀର୍ଘଦିନ ଧରି ଅନେକ ଆଶ୍ଚର୍ଯ୍ୟ ଅନୁଭୂତି ଲାଭ କଲାପରେ କିଛି ବର୍ଷ ବିଶ୍ରାମ ଓ ପୁଣିଥରେ ୨୦୧୯ରୁ ୨୦୨୦ ମଧ୍ୟରେ ସେମାନେ ମୋର ନିକଟବର୍ତ୍ତୀ ଥିଲେ । ସେହି ଅନୁଭୂତିକୁ ନେଇ ମୁଁ ପ୍ରାୟ ପାଂଚଶହ ପୃଷ୍ଠାର ଏକ ବହି ଲେଖିଛି । ସେଥିରୁ ଅସଲଗ୍ନ ଭାବେ କେତୋଟି ଏଠାରେ ଉପସ୍ଥାପନ କରୁଛି । ମୁଁ ମୋର ପ୍ରକୃତ ନାମ ଦେଇନାହିଁ । ପାଠକମାନେ ଏହାକୁ ସତ୍ୟ ବା ମିଥ୍ୟା ଭାବେ ଗ୍ରହଣ କରି ପାରନ୍ତି ।

**ଅନୁଭୂତି ୧ :**

ମୁଁ ଦୀର୍ଘଦିନ ଧରି ଜଣେ ସ୍ନାୟୁ ଓ ବାତ ରୋଗୀ ଥିଲି । ସ୍ୱର୍ଗତ ପ୍ରଫେସର ସ୍ନାୟୁଶଲ୍ୟ ଚିକିତ୍ସକ ଡ଼ା.ସନାତନ ରଥ ମୋତେ ଭଲ ହେବାରେ ବହୁତ ସାହାଯ୍ୟ କରୁଥିଲେ । ବାରମ୍ବାର ଭଗବାନଙ୍କ ଦୟାରୁ ତାଙ୍କ ଦ୍ୱାର ମୋର ଜୀବନ ରକ୍ଷା ହୋଇ ଯାଉଥିଲା ।

୨୦୧୯, ରଥଯାତ୍ରା ପରଠାରୁ ତାଙ୍କୁ ମୁଁ ବରାବର ମୋ ନିକଟରେ ଅନୁଭବ କରୁଥିଲି । ଦିନେ ଗରମ ପାଣି ପଡି ମୋର ଗୋଡ଼ର ଖଣ୍ଡେ ଜାଗା ସିଝିଯାଇଥିଲା । ତାଙ୍କ ଔଷଧ ଉପରେ ମୋର ବହୁତ ବିଶ୍ୱାସ ଥିଲା । ମୁଁ ଶୋଇଛି, ମୋ ଆଖି ସାମ୍ନାରେ ଗୋଟିଏ ଔଷଧ ଦେଖାଗଲା । ମୁଁ ଯେତେବେଳେ ଔଷଧ ଦୋକାନରୁ ସିଝା ଘା' ପାଇଁ ଔଷଧ ଆଣିଲି ଏହା ସେହି ଔଷଧ ଥିଲା । ତାଙ୍କ ଦେହାନ୍ତ ସମୟରେ କରୋନା ବ୍ୟାପିଥିଲା । ମୋର ଅବଶୋସ ଥିଲା ଯେ ମୁଁ ତାଙ୍କୁ ଶେଷ ପ୍ରଣାମ ଜଣାଇ ପାରିନଥିଲି । ପ୍ରାୟ ଦଶାହ ପରେ ଦିନେ ପ୍ରଭାତ ସମୟରେ ସେ ଆଗରେ ଓ କିଛି ପଛରେ ତାଙ୍କର ସାନଭାଇ (ତାଙ୍କ ଜନ୍ମ ମାଟି ଘରେ) ମୋର ସ୍ୱପ୍ନରେ ଆସିଲେ । ମୁଁ ତାଙ୍କ ପାଦଛୁଇଁ ପ୍ରଣାମ କଲି । ସେ ଦୁଇହାତରେ ହଠାତ ମୋର ଟଂଟିକୁ ଚିପି ଧରିଲେ । କିଛିଦିନ ପୂର୍ବରୁ ନିଦରେ ବାରମ୍ବାର ମୋର ଟଂଟି ଚିପିଧରି ମୋର ରକ୍ତ ସଂଚାଳନ ଓ ସ୍ନାୟୁକୁ ସକ୍ରିୟ କରାଯାଉଥିଲା ।

ସେ ମୋତେ କହିଲେ 'ତୁ ମୋତେ ଡ଼ରେନି । ମୁଁ ତୋତେ ମାରିବିନି । ମୁଁ ତୋତେ ଜୀବନ ଦେଇଛି, ମାରିବି କାହିଁକି ? ମୁଁ ବହୁତ ଭୋକିଲା ଅଛି । ମୋତେ ସେହି ବନି ଆସୁଥିବା ଆମ୍ବଟି ଖାଇବାକୁ ଦେ ।'

ମୁଁ ତାଙ୍କୁ ଲମ୍ବା ଡେମ୍ଫ ଲାଗିଥିବା ଏକ ହଳଦୀ ବର୍ଣ୍ଣର ପାଚିଲା ଆମ୍ବ ଖାଇବାକୁ ଦେଲି । ମୋ ନିଦ ଭାଙ୍ଗିଗଲା । ସ୍ପଷ୍ଟଭାବେ ମୋ ପାଖରେ କେହିଜଣେ ଛିଡ଼ାହୋଇ ମୋତେ କହିବାର ଶୁଣାଗଲା, 'ଡଲି, ଏ କାୟରା ବାୟରା ବିଦ୍ୟାଗୁଡିକ କେବଳ ଛାତ୍ରମାନଙ୍କ ପାଇଁ, ଛାତ୍ରୀମାନଙ୍କ ପାଇଁ । ନହେଲେ ଅଶାନ୍ତି ସୃଷ୍ଟି ହେବ ।' ପୁଣି ଏକ ଭୌତିକ ଭୟଙ୍କର ଛାୟାମୂର୍ତ୍ତି ଦେଖାଗଲା ଏବଂ କେହି କହିଲା, 'ଆଜି ସନାତନ ରଥ ତାଙ୍କ ଗାଁ ଘରକୁ ଆସୁଛନ୍ତି ।' ଭାବିଲି ତାଙ୍କ ନିଜଲୋକ କାହାକୁ ଜଣାଇବା ଉଚିତ ହେବକି ? ଦିନେ ଦୁଇଦିନ ମନ ଛଟପଟ ହେଲା । ଯେହେତୁ ସେ ଭୋକିଲା ଥିଲେ । ପରେ ଭାବିଲି, କିନ୍ତୁ କାହିଁକି ? ସେ କ'ଣ ତାଙ୍କ ନିଜ ଲୋକମାନଙ୍କୁ ଏ ସମ୍ବାଦ ଜଣାଇ ପାରି ନଥାନ୍ତେ ?

+ମାର୍ଫତ୍/ କୈଳାସ ଚନ୍ଦ୍ର ପଣ୍ଡା,
ବାଲିଝରୀ, କାନପୁର,
କଟକ-୭୫୪୦୩୧

## ବସନ୍ତ ଲୋରୀ

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**



ଆରେ କୋଇଲି ଆ ଆ
ଆରେ କୋଇଲି ଆ ଆ
ଯେଉଁ ଆମ୍ବ ଡାଳେ ଗହଳ ବଉଳ
ସେଇ ଡାଳରେ ତୁ ଗାଆ
ତୋ ମଧୁର ସୁରେ ନାଚିବ ମଳୟ
ବଉଳ ଧରିବ କଷି
ଅଦିନ ବରଷା ଖସିଲେ ଆକାଶୁ
ଡେମ୍ଫ ଟାଣ ହେବ ବେଶୀ ।
ସୁରୁଜ ବୁଡିଲେ ଅନ୍ଧାର ହୋଇଲେ
ଯୁଆଡେ ଯାଉଛୁ ଯାଆ ।
ଆରେ କୋଇଲି.....

ବଡହେଲେ ଆମ୍ବ ବୈଶାଖେ ପାଚିବ
କୁନା ମୋ ଖାଇବ ତୋଳି
ମିଠା ଲାଗୁଥିବ ରସାଳ ଫଳ ସେ
ତୋର ଗୀତ ସୁର ପରି ।
ମନେ ପଡ଼ିବୁ ଲୋ କଜଳ କୋଇଲି
ଯେଉଁଠି ଥାଉଛୁ ଥାଆ ।
ଆରେ କୋଇଲି ଆ ଆ..

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଶହୀଦ ଦିବସ ପାଳିତ



ବାରିପଦା,୧୭।୨ (ନି.ପ୍ର): ଫୁଲଓ୍ୱାମାରେ ସହିଦ୍ ହୋଇଥିବା ବୀର ଯବାନ ମାନଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକିରେ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଶ୍ରୁଭରା ଶ୍ରଦ୍ଧାଳୀ ପ୍ରଦାନ କରାଯାଇଛି। ରବିବାର ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧକ୍ଷ ଅବନୀ କୁମାର ପତିଙ୍କ ଅଧକ୍ଷତାରେ ଫୁଲଓ୍ୱାମା ଠାରେ ସହିଦ୍ ହୋଇଥିବା ବୀର ଯବାନ ମାନଙ୍କୁ ଅଶୃଳ ଶ୍ରଦ୍ଧାଳୀ ଅର୍ପଣ କରାଯାଇଛି। ସର୍ବ ପ୍ରଥମେ ସହିଦ୍ ଯବାନ ମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍‌ର ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ୧୦୦ ରୁ ଉର୍ଦ୍ଧ ଅନ୍ତେବାସୀ ଓ ଅଭିଭାବକ ଓ କର୍ମକର୍ତାଙ୍କ ସହିତ ସହିଦ୍ ହୋଇଥିବା ବୀର ମାନଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏବଂ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହାପରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହାନ ସମାଜ ସେବି ପ୍ରବୀର କୁମାର ଦାସବାବୁ ଓ ନିରନ ସାହୁ ସମସ୍ତ ଅନ୍ତେବାସୀଙ୍କୁ ଉଦ୍‌ବୋଧନ ଦେଇ ସହିଦ୍ ମାନଙ୍କର ଦେଶ ପ୍ରତି ବଳିଦାନ ବିଷୟରେ ବକ୍ତୃତା ଦେଇଥିଲେ, ଏବଂ ଶେଷରେ ଗୋଟି ଗୋଟି କରି ସମସ୍ତ ଅନ୍ତେବାସୀଙ୍କର ଯବାନ ମାନଙ୍କୁ ଭୁମୀଷ୍ଟ ପ୍ରଣାମ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସସ କୁମାର ଭୁୟାଁ, ପିତବାସ ରାଉଳ, ଚତୁରଭୁଜ ନାଏକ, ବିପୁଲ ସରକାର, ରାଜା ରାମ ମହାନ୍ତ, ଚନ୍ଦନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ ଏବଂ ସର୍ବ ଶେଷରେ ପିତବାସ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବବୃହତ ହକି ପଡିଆକୁ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କଲେ ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୬ ଫେବୃଆରୀ (ହି.ସ.)- ସ୍ୱର୍ଗତ ବିଜୁ ବାବୁଙ୍କୁ ମନେ ପକାଇ ବିପିୟୁଟି ପରିସରରେ ହେବାକୁ ଥିବା ବିଶ୍ୱର ସର୍ବ ବୃହତ ହକି ପଡିଆକୁ ଏହି ଜିଲ୍ଲା ଓ ମାଟିର ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ ସେ କହିଛନ୍ତି ଯେ, ଗତ ୨ହଜାର ମସିହାରୁ ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାର ବିକାଶ ଆରମ୍ଭ ହୋଇଛି ,ଏହି ବିକାଶର ପାଦକୁ ଆଗକୁ ଆଗକୁ ଏବେ ବଢିବ । ସେ ଆଜି ରାଉରକେଲାରେ ଆୟୋଜିତ ସଭା ମଂଚରେ ଦିନ ୧୧.୫୭ ମିନିଟରେ ପହଁଚି ନିଜ ବକ୍ତବ୍ୟ ରଖି କହିଲେ, ରାଉରକେଲାକୁ ଆସିଲେ ସବୁ ବେଳେ ବିଜୁ ବାବୁ (ବାପା)ଙ୍କ କଥା ମନେ ପଡେ। ରାଉରକେଲା ଷ୍ଟିଲ ପ୍ଲାଂଟ, ଏନଆଇଟି ଆଦି ବିଜୁ ବାବୁଙ୍କର ସ୍ମୃତି। ଓଡିଶାରେ ଶିଳ୍ପର ବିକାଶ ବିଜୁ ବାବୁଙ୍କ ସମୟରେ ହୋଇଥିବା ବେଳେ ସେହି ସମୟରେ ସୁନ୍ଦରଗଡ ଜିଲ୍ଲାରେ ମଧ ଇସ୍ପାତ କାରଖାନା ଆରମ୍ଭ ହୋଇଥିଲା । ସେହି ସମୟରେ ରାଉରକେଲାରେ ଶିଳ୍ପର ମୂଳଦୁଆ ପଡିଥିଲା। ଏହା ପରେ ଏହି ସହର ଏକ ଆଶାର ସହରରେ ପରିଣତ ହୋଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକେ ଏହି ସହରକୁ ଜୀବିକା ଲାଗି ଆସି ନିଜ ଗୁଜୁରାଣ ମେଂଟାଇଥାନ୍ତି । ସୁନ୍ଦରଗଡ ଜିଲ୍ଲା ସମେତ ସମଗ୍ର ଓଡିଶାର ବିକାଶ କ୍ଷେତ୍ରରେ ରାଉରକେଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୨ ହଜାର ମସିହା ପରେ ରାଉରକେଲାର ଦୃତ ବିକାଶ ଘଟୁଛି, ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବାରେ ସମର୍ଥ ହୋଇଛି । ସୁନ୍ଦରଗଡ ଜିଲ୍ଲାର ପରିଚୟ ହେଉଛି ହକି, ଏହା ହକିର ଏକ୍ସୁଡିଶାଳ । ଏହି ଜିଲ୍ଲାର ହକି ଖେଳାଳୀ ମାନେ ସାରା ଦେଶ ଓ ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ଓ ଦେଶ ଲାଗି ସୁନାମ ଆଣିଛନ୍ତି । ଏ ମାଟି ପାଣି ପବନରେ ହକିର ଜୀବନ ରହିଛି। ଏଥିଲାଗି ଏହି ଜିଲ୍ଲା ବିଶ୍ୱ ସ୍ତରରେ ସ୍ଥାନ ପାଇଛି। ଆପଣ ମାନେ ଜାଣି ଖୁସି ହେବେ ବେଲଜିୟମ, ଅଷ୍ଟ୍ରେଲିଆ ଭଳି ଦେଶକୁ ପଛରେ ପକାଇ ଆମ ଦେଶ ଭାରତ ଆଗାମୀ ୨୦୨୩ ରେ ହକି ବିଶ୍ୱକପ୍ ଆୟୋଜନ କରିବା ଲାଗି ସୁଯୋଗ ପାଇଛି । ଏହି ଆୟୋଜନ ରାଉରକେଲାରେ କରିବାକୁ ଯାହା ଚିନ୍ତା କରାଯାଇଥିଲା ତାହା ସଫଳ ହେବାକୁ ଯାଉଛି। ଏହା ସୁନ୍ଦରଗଡ ହକି ପ୍ରେମୀଙ୍କ ଲାଗି ବଡ ଉପହାର । ଏଠାରେ ତିଆରି ହେବାକୁ ଥିବା ଆର୍ନ୍ତଜାତୀୟ ସ୍ତରର ହକି ପଡିଆକୁ ଶ୍ରୀ ପଟ୍ଟନାୟକ ମହାନ୍ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିଥିଲେ। ଏହା ଦ୍ୱାରା ଯୁବ ପୀଢି ଉତ୍ସାହିତ ହେବା ସହ ଆଗଭର ହୋଇ କାମ କରିବ ଓ ଓଡିଆ ପୁଅ ସବୁ ବେଳେ ଆଗରେ ରହିବ ତଥା ଏହି ସ୍ପିରିଟରେ ଆମକୁ ଆଗକୁ ବଢିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହା ପରେ ସେ ମିଶନ ଶକ୍ତିରେ ସାମିଲ ଥିବା ମା ମାନଙ୍କୁ ଆଜି ଦିନରେ ବିକାଶର ସାରଥୀ ବୋଲି କହିବା ସହ ସେମାନଙ୍କୁ ଆଗେଇ ଚାଲିବାକୁ ଆହ୍ୱାନ ଦେଇଥିଲେ। ଏହି ମାଟିରେ ମିଶନ ଶକ୍ତିରେ କାମ କରୁଥିବା ଜୟନ୍ତୀ ଏକ୍କାଙ୍କୁ ସେ ପ୍ରଶଂସା କରିଥିଲେ। ରାଜ୍ୟରେ ୬୨ପ୍ରକାର ଜନଜାତି ପିଲା ମାନଙ୍କୁ ପାଠ ପଢାଇବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି, ତେଣୁ ସେମାନେ ଏହାର ସୁଯୋଗ ନେବା ଉଚିତ୍, ଏହି ଜନ ଜାତିର ଲୋକଙ୍କର ଭାଷା ଆଦିର ବିକାଶ ଲାଗି ସରକାର ସବୁ ବେଳେ ଚେଷ୍ଟିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ମଂଚରେ ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତୀ ବେହେରା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ହକି ତାରକା ଦିଲିପ ତିର୍କୀ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ ।୧୩୭ ଏକର ପରିସିମା ଭିତରେ ଥିବା ବିପିୟୁଟିର ଯାଗରୁ ୧୫ ଏକର ଯାଗରେ ଏହି ହକି ପଡିଆ ନିର୍ମାଣ ସ୍ଥଳରେ ଆଜି ପ୍ରାୟ ୪ ହଜାର ଜନତା ଉପସ୍ଥିତ ଥିବା ବେଳେ ଜିଲ୍ଲାର ୧୭ଟି ବ୍ଲକରେ ୧୨୦ଟି ଏଲଇଡି ମାଧମରେ ଏହି କର୍ଯ୍ୟକ୍ରମକୁ ହଜାର ହଜାର ଲୋକେ ଦେଖିବାର ସୁଯୋଗ ପାଇଥିଲେ। ସମସ୍ତ ବ୍ଲକରେ ୧୭ଜଣ ମନ୍ତ୍ରୀ ଓ ଜିଲ୍ଲାରେ ୭୦ ବିଧାୟକ ରହି ଏହାକୁ ପରିଚାଳନା କରିଥିଲେ। ଜିଲ୍ଲାର କ୍ରୀଡା, ଶିକ୍ଷା, ଜଳଯୋଗାଣ, ରାସ୍ତା, ପାନୀୟଜଳ, ଜଳସେଚନ ଜୀବିକାବିକାଶ ଆଦି ଲାଗି ଖର୍ଚ୍ଚ ହେଉଥିବା ଏହି ଅର୍ଥ ଲାଗି ଜିଲ୍ଲାବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି ।

# ପ୍ରବଚନ ଦେଇପାରିବେ ସାରଥି : ଅନୁମତି ଦେଲେ ହାଇକୋର୍ଟ

ଭୁବନେଶ୍ୱର,୧୭।୨ (ନି.ପ୍ର): ଏଣିକି ପ୍ରବଚନ ଦେଇପାରିବେ ବହୁ ଚର୍ଚ୍ଚିତ ଆତ୍ମଘୋଷିତ ସାରଥି ବାବା ଓରଫ ସନ୍ତୋଷ ରାଉଳ। ଏଥିପାଇଁ ଅନୁମତି ଦେଇଛନ୍ତି ହାଇକୋର୍ଟ। କୋଭିଡ଼ କଟକଣା ମାନି , ସର୍ବାଧିକ ୨୦୦ ଲୋକଙ୍କୁ ନେଇ ସେ ପ୍ରବଚନ ଦେଇପାରିବେ। ପ୍ରବଚନ ପାଇଁ ଅନୁମତି ଦେବାକୁ ଅପିଲ କରିଥିଲେ ସାରଥି। ତେବେ ସେ କେଉଁଠି ପ୍ରବଚନ ଦେବେ ସେନେଇ କୌଣସି ସ୍ୱଷ୍ଟ ସୂଚନା ନାହିଁ। ସୂଚନା ଅନୁଯାୟୀ ସାରଥି ତାଙ୍କ ଅପିଲରେ କହିଥିଲେ ଯେ, କେନ୍ଦ୍ରାପଡ଼ା ବାରିମୂଳ ଛାଡ଼ି ରାଜ୍ୟରେ ଯେ କୌଣସି ସ୍ଥାନରେ ପ୍ରବଚନ ପାଇଁ ଅନୁମତି ଦିଆଯାଉ। ତେବେ କୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖନୀୟ ଯେ ସାରଥି ବାବା ଜଣେ ଝିଅଙ୍କ ସହ ହାଇଦ୍ରାବାଦସ୍ଥିତ ଗୋଲକୁଣ୍ଡା ହୋଟେଲରେ ଥିବା ସଂପର୍କିତ ଫଟୋ ପ୍ରସାରିତ ହେବାପରେ ସାରା ରାଜ୍ୟରେ ପ୍ରତିକ୍ରିୟା ଦେଖା ଦେଇଥିଲା। ଅଗଷ୍ଟ ୭ତାରିଖ ୨୦୧୫ରେ ସାରଥିଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କ ଆଶ୍ରମରେ ଚଢାଉ ବେଳେ କୋଟି କୋଟି ଟଙ୍କା ଓ ଧନସଂପତି ଜବତ କରାଯାଇଥିଲା। କେନ୍ଦ୍ରାପଡ଼ା ବାରିମୂଳ ଆଶ୍ରମରେ ଏବେ ବି ୧୪୪ ଧାରା ଜାରି ରହିଛି। ତେବେ ଆଜି ଉକ୍ତ ସ୍ଥାନରେ ପୁଲିସ ଫୋର୍ସ ମୁତୟନ କରି ଜିଲ୍ଲା ପୁଲିସ ଆଇନ ଶୃଙ୍ଖଳା ଉପରେ ନଜର ରଖାଯାଇଛି। ତେବେ ଏକାଧିକ ମାମଲାରେ ଛନ୍ଦି ହୋଇଥିବା ପର୍ଯ୍ୟାୟକ୍ରମେ ତାଙ୍କୁ ଜାମିନ ମିଳିଥିଲା। ପ୍ରଥମେ ୨୦୧୭ ଏବଂ ପରେ ୨୦୧୯ରେ ସାରଥୀଙ୍କୁ ଜାମିନ ମିଳିଥିଲା। ସାରଥି ଜେଲରୁ ବାହାରି ଶୋଭାଯାତ୍ରା କରିପାରିବେନି କି ବାରିମୂଳ ବା କେନ୍ଦ୍ରାପଡ଼ା ଯାଇ ପାରିବେନି ବୋଲି ସର୍ତ ରଖିଥିଲେ କୋର୍ଟ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା : ପବିତ୍ର ଶ୍ରୀପଂଚମୀ ତିଥିରେ ମହାପ୍ରଭୁଙ୍କ ରଥକାଠ ଅନୁକୂଳ ହେଲା

ସମ୍ବଲପୁର,୧୭।୨ (ନି.ପ୍ର): ପବିତ୍ର ଶ୍ରୀପଂଚମୀ ତିଥିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁ ଶ୍ରୀଶ୍ରୀଶ୍ରୀହରି ବଳଦେବ ଜୀଉ ବିଜେଙ୍କ ରଥ କାଠ ଅନୁକୂଳ କରାଯାଇଛି । ବଡ଼ଜଗନ୍ନାଥଙ୍କ ଆଜ୍ଞା ନେଇ ବାରିପଦା ବନଖଣ୍ଡ ଅଧୀନରେ ଥିବା ଜ୍ୟୋତିପୁର ସଂରକ୍ଷିତ ଜଙ୍ଗଲରୁ ଜଙ୍ଗଲ ସୁରକ୍ଷା କମିଟି ଉପସ୍ଥିତିରେ ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ହରିଶ୍ଚନ୍ଦ୍ର ମହାରଣା, ରବୀନ୍ଦ୍ର ମହାରଣା, ଆଲୋକ ମହାରଣା, କ୍ଷିତିଶଚନ୍ଦ୍ର ମହାରଣା ଓ ହରିହର ମହାରଣା ପ୍ରମୁଖ ୫ ଜଣ ମହାରଣାଙ୍କ ସମେତ ୧୨ ଜଣ ବାଢ଼ିଆ ଓ ସଂକୀର୍ତନ ମଣ୍ଡଳୀ ଏହି ରଥକାଠ ଅନୁକୂଳରେ ସାମିଲ ହୋଇଥିଲେ। ବାରିପଦା ବନଖଣ୍ଡ ଅଧିକାରୀଙ୍କ ଅନୁମତି କ୍ରମେ ଆଜି ଜ୍ୟୋତିପୁର ସଂରକ୍ଷିତ ଜଙ୍ଗଲରୁ ଚିହ୍ନଟ କରାଯାଇଥିବା ଏକ ୪୦ ଫୁଟରୁ ଅଧିକ ଲମ୍ବ ଶାଳଗଛକୁ ପରମ୍ପରା ତଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଗଛ କଟାଯାଇ ୨୦ ଫୁଟ ଓ ୨୦ ଫୁଟରେ ବିଭକ୍ତ କରାଯାଇଥିଲା। ଉକ୍ତ କାଠ ମହାପ୍ରଭୁ ଶ୍ରୀଶ୍ରୀଶ୍ରୀହରି ବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ରଥର ୧୮ ନାଇକା ଓ ଅନ୍ୟ କାଠ ସାନ ମହାପ୍ରଭୁଙ୍କ ରଥ ଚକରେ ଅଖ ଭାବେ ଲଗାଯିବ ବୋଲି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ସୂଚନା ଯୋଗ୍ୟଯେ, ବାରିପଦା ମନ୍ଦିରରେ ମହାପ୍ରଭୁ ଚତୁର୍ଦ୍ଧା ମୂର୍ତି ଧାରଣ ପୂର୍ବକ ପିଠାସୀନ ହୋଇ ଶ୍ରୀଶ୍ରୀଶ୍ରୀହରି ବଳଦେବ ଜୀଉ ବିଜେ ବାରିପଦା ନାମରେ ପୂଜା ପାଇ ଆସୁଛନ୍ତି । ମହାପ୍ରଭୁଙ୍କ ମନ୍ଦିରର ନିର୍ମାଣ ପଛରେ ରହିଥିବା କିମ୍ବଦନ୍ତୀଗୁଡ଼ିକ ମଧ୍ୟରୁ ସର୍ବାଧିକ ଗ୍ରହଣୀୟ ଲୋକ କଥାଟି ହେଲା, ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ବୈଦ୍ୟନାଥ ଭଞ୍ଜ ରାଜ୍ୟର ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ନିମନ୍ତେ ମନସ୍ଥ କରି ସୈନ୍ୟସାମନ୍ତ ପରିବେଷ୍ଟିତ ରାଜକୀୟ ସମବିଭ୍ୟାହାରରେ ଶ୍ରୀକ୍ଷେତ୍ରକୁ ଯାତ୍ରା କରି ପୁରୀ ଉପକଣ୍ଠ ଅଠରନଳା ନିକଟରେ ପହଁଚି ରାତ୍ରି ବିଶ୍ରାମ ନେଉଥିବା ଅବସରରେ ପୁରୀ ଗଜପତିଙ୍କ ସୀମାନ୍ତ ରକ୍ଷୀ ମହାରାଜା ବୈଦ୍ୟନାଥ ଭଞ୍ଜ ସୈନ୍ୟସାମନ୍ତ ଧରି ପୁରୀ ସହର ମଧ୍ୟକୁ ପ୍ରବେଶ କରି ପାରିବେ ନାହିଁ ବୋଲି ଗଜପତି ମୁକୁନ୍ଦ ଦେବଙ୍କ ନିର୍ଦ୍ଦେଶ ରହିଥିବାର ସନ୍ଦେଶ ପହଁଚାଇ ଥିଲେ ଏବଂ ମହାରାଜା ଇଚ୍ଛାକଲେ ସାଧା ପୋଷାକରେ ନିଜେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆସି ପାରିବେ ବୋଲି ଗଜପତିଙ୍କର ବାର୍ତା ଜଣାଇ ଦେଇଥିଲେ । ଏହା ସ୍ୱାଭିମାନୀ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଙ୍କ ହୃଦୟକୁ ବ୍ୟଥିତ କରାଇବା ସହିତ ତାଙ୍କର ପଦମର୍ଯ୍ୟାଦା ପ୍ରତି ଘୋର ଅପମାନ ଥିଲା। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନକରି ସେହିଠାରୁ ନିଜ ଗଡ଼କୁ ଫେରି ଆସିବାର ନିଷ୍ପତି ନେଇ ନିଜ ଅନ୍ତରର ଗଭୀର ଦୁଃଖ , କ୍ଷୋଭ ଓ ନୈରାଶ୍ୟ ଭାବ ମହାପ୍ରଭୁଙ୍କୁ ଜଣାଇଥିଲେ । ନିଜ ଭକ୍ତର ବେଦନାକୁ ସହ୍ୟ କରି ନପାରି ସେହି ଫେରନ୍ତା ରାତ୍ରିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାରାଜା ବୈଦ୍ୟନାଥ ଭଞ୍ଜଙ୍କୁ ଦର୍ଶନ ଦେଇ "ତୁ ମୋର ପୂଜା ଅଧିକାର ପାଇଛୁ, ଏଠାରୁ ଫେରି ନିଜ ଗଡ଼ରେ ମୋର ମନ୍ଦିର ନିର୍ମାଣ କରିବା ସହିତ ଚତୁର୍ଦ୍ଧା ମୂର୍ତି ପ୍ରତିଷ୍ଠା କରିବାକୁ ଏବଂ ସେହି ମନ୍ଦିରରେ ଦୈନିକ କିଛି ସମୟ ପାଇଁ ବିରାଜମାନ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏଥି ସହିତ ଏହି ମନ୍ଦିର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ସର୍ବଜନ ବିଦିତ ହେବ" ବୋଲି ସ୍ୱପ୍ନାଦେଶ ଦେଇଥିଲେ ।

## ପିଡିଏସ୍ ସାମଗ୍ରୀ ବଂଟନକାରୀଙ୍କୁ ବଦଳେଇବାରୁ ଖାଉଟିଙ୍କ ଧାରଣା

କଣାସ,୧୭।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗ୍ରାମପଚାଂୟତରେ ପିଡିଏସ୍ ସାମଗ୍ରୀ ପୂର୍ବରୁ ଗ୍ରାମପଚାଂୟତ ମାଧମରେ ବଂଟନ କରାଯାଉଥିଲା । କେତେକ ଅଭିଯୋଗ ହେବାରୁ ଖାଉଟି ସାମଗ୍ରୀ ପଚାଂୟତ ହାତରୁ ଟାଣି ନିଆଯାଇ ଅନ୍ୟତ୍ର ଜଣଙ୍କୁ ବାଂଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗତକାଲି କଣାସ ଗ୍ରାମପଚାଂୟତର କେତେକ ଖାଉଟି ଏହାର ପ୍ରତିବାଦ କରିବା ସହ କାହିଁକି ଗ୍ରାମପଚାଂୟତ ହାତରୁ ଏହି ଦାୟୀତ୍ୱ କାଢିନିଆଯାଇ ଅନ୍ୟତ୍ର ଦିଆଗଲା ବିଡିଓ ଲୋଚନ ଦାସଙ୍କ ଆଗରେ ଦାବି କରିଥିଲେ ଓ ସେଠାରେ ଧାରଣା ଦେଇଥିଲେ । ବିଡିଓ ଶ୍ରୀ ଦାସ ୫ ଦିନ ମଧରେ ଏହାର ତଦନ୍ତ କରି ଫଇସଲା କରିବାର ନିର୍ଦ୍ଦେଶ ଦେବାରୁ ଖାଉଟିମାନେ ଧାରଣା ପ୍ରତ୍ୟାହାର କରିଥିଲେ ।

## ମାତୃଶିଶୁ ଚିକିତ୍ସାଳୟ ସଂପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସଂସାଦଙ୍କ ଆଲୋଚନା

କେନ୍ଦ୍ରାପଡ଼ା,୧୭।୨ (ନି.ପ୍ର): କେନ୍ଦ୍ରାପଡାର ଇଛାପୁର ନିକଟବର୍ତୀ ଶ୍ୟାମଗୁଡିଆ ଠାରେ ନିର୍ମାଣାଧିନ ୨୦୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ୧୦୦ ଶର୍ଯ୍ୟା ବିଶିଷ୍ଟ ମାତୃଶିଶୁ ସ୍ୱତନ୍ତ୍ର ଚିକିତ୍ସାଳୟ ର ନିର୍ମାଣ ଜନିତ ସମସ୍ୟା ସପର୍କରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ପାଣିପାଗ ପରିବର୍ତନ, ସୂଚନା ଓ ଲୋକ ସଂପର୍କ ତଥା ଭାରୀଶିଳ୍ପ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କ ସହ କେନ୍ଦ୍ରାପଡା ସଂସଦ ଅନୁଭବ ମହାନ୍ତି ଆଲୋଚନା କରିଥିବା ଜଣା ପଡିଛି ।

## ରେଳ ନିରାପତା ଆୟୁକ୍ତଙ୍କ ଦ୍ୱାରା ସମ୍ବଲପୁର-ହୀରାକୁଦର ଦୋହରୀକରଣ ଓ ବିଦ୍ୟୁତିକରଣ କାର୍ଯ୍ୟ ନିରୀକ୍ଷଣ ହୋଇଅଛି

ସମ୍ବଲପୁର,୧୭।୨ (ନି.ପ୍ର): ଦକ୍ଷିଣ ପୂର୍ବ ସରକେଲ କୋଲକତାର ରେଳ ନିରାପ୍ତା ଆୟୁକ୍ତ ଏ.ଏମ୍.ଚୌଧୁରୀ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନର ସମ୍ବଲପୁର-ହୀରାକୁଦ ଷ୍ଟେସନ (ଅପ୍‌ଲାଇନ୍) ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟକୁ ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ ଶ୍ରୀ ଚୌଧୁରୀ ନିରାପତା ଭିତିକ କାର୍ଯ୍ୟ ଯଥା ଇଲେକ୍‌ଟ୍ରୋନିକ ଇଂଟରଲିଙ୍କ ବିଲଡିଂ, ଓଭର ହେଡ଼ ଉପକରଣ, ରେଳଧାରଣା ଆଦିକୁ ନିରୀକ୍ଷଣ କରିବା ସହ ସ୍ପିଡ୍ ଟ୍ରାଏଲ କରିଥିଲେ। ଉକ୍ତ ସେକ୍ସନରେ ଦୋହରୀକରଣ ଓ ବିଦ୍ୟୁତିକରଣ କାର୍ଯ୍ୟ ହୋଇସାରିବା ପରେ ଟ୍ରେନ୍ ପରିଚାଳନା ସୁଗମ ହୋଇପାରିବ । ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ପ୍ରଦୀପ କୁମାର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ ଏନ.ଏସ.ୟୁକେ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଆର.ଭି.ଏସ୍.ଏଲ ଶ୍ରୀ ଭି.ଆର.ନାଇଡୁ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ସମ୍ବଲପୁର, ଜୟନ୍ତ କୁମାର ଖମାରୀ, ମହା ପ୍ରବନ୍ଧକ (ବିଦ୍ୟୁତ) ଆର.ଭି.ଏନ.ଏଲ ମନୋଜ କୁମାର ସାହୁ, ଅତିରିକ୍ତ ମହାପ୍ରବନ୍ଧକ ଆର.ଭି.ଏନ.ଏଲ, ପି.କେ. ଦାଶ ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।

# କୋଭିଡ କଟକଣାରେ କରଦା ହରିହାଟ ମେଳାର ପ୍ରସ୍ତୁତି ଚୂଡାନ୍ତ

**ମହୋତ୍ସବ ଓ ଅପେରା ହେବନି, ଯଜ୍ଞରେ ସୀମିତ ହରିହାଟ**

କୋରେଇ,୧୭।୨ (ନି.ପ୍ର): ପବିତ୍ର ମାଘ ସପ୍ତମୀରୁ ଆରମ୍ଭ ହେବ କୋରାଇ ବ୍ଲକର ସବୁଠୁ ବଡ ମେଳା କରଦା ହରିହାଟ ମେଳା। ଏଥି ସହିତ ଯଜ୍ଞ, ମେଳା, ମହୋତ୍ସବ ଓ ଯାତ୍ରା ୧୦ ଦିନବ୍ୟାପୀ ଲକ୍ଷାଧିକ ଲୋକଙ୍କ ମନୋରଂଜନ ସହ ଆତ୍ୟବଶ୍ୟକ ସମାଗ୍ରୀ କ୍ରୟ ବିକ୍ରୟ ଓ ସାଧୁସନ୍ଥ ଓ ଭକ୍ତ ସମାଗମ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ କରୋନା ମହାମାରୀର କଟକଣା ଯୋଗୁ ଏହି ମେଳାରେ କେବଳ ବିଧି ରକ୍ଷା ପାଇଁ ପାରମ୍ପାରିକ ଯଜ୍ଞ, ନାମ ଯଜ୍ଞ ପାଳନ କରାଯିବ । ମହତ୍ସୋବ ହେବନି କି ଅପେରା ପାର୍ଟି ଆସିବନି । ଭକ୍ତମାନେ କେବଳ ଠାକୁର ଦର୍ଶନ, ଯଜ୍ଞ କୁଣ୍ଡରେ ନଡିଆ ପକାଇବା ସହ ପୁଷ୍କରଣୀରେ ବୁଡପକାଇବା ଓ ନାମଯଜ୍ଞ କରାଯିବାକୁ ସ୍ଥିର ହୋଇଛି । ଏନେଇ ଚୂଡାନ୍ତ ବୈଠକ ଦଧିବାମନ ଜୀଉ ମଠ ପରିସରରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର କଟକଣା ସର୍ମ୍ପକରେ ସରପଂଚ ଗଣେଷ ସହୁ, କମିଟିର ସଭାପତି ଚିନ୍ତାମଣି ବେହରା ସମ୍ପାଦକ ଗୋବିନ୍ଦ ସାହୁ ବିଶଦ ଆଲୋଚନା ପରେ ଏହାର ନିଷ୍ପତି ସର୍ବସମ୍ମତ ଗ୍ରହଣ କରାଯାଇଥିଲା । ପ୍ରଦୀପ୍ତ ପଣ୍ଡା, ବିଦ୍ୟାଧର ବେହେରା, ପ୍ରମୋଦ ମହାପାତ୍ର, ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଶୁଶୀଲ ବେହେରା, ନବଘନ ପଣ୍ଡା, ରତ୍ନାକର ସାହୁ, ପରମାନନ୍ଦ ସାହୁ, ଶଙ୍କର୍ଷଣ ପରିଡା, ଗୋକୁଳ ଚନ୍ଦ୍ରସାହୁ, ଅଦୈତ୍ୟ ପ୍ରସାଦ ମଲ୍ଲିକ, ସୁବାସ ସ୍ୱାଇଁ, ସାବିତ୍ରୀ ସାହୁ, ମଦନ ମୋହନ ପ୍ରଧାନ, ମଦନ ଯେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କଣାସ ବ୍ଲକରେ ପାନୀୟଜଳ ସମସ୍ୟା ଉତ୍କଟ ହେଲାଣି

କଣାସ,୧୭।୨ (ନି.ପ୍ର): ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଥିବା ବେଳେ ଗ୍ରୀଷ୍ମରତୁ ସମୟରେ ଏହା ଏପରି ଉତ୍କଟ ରୂପ ଧାରଣ କରେ ଯାହାକି ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡେ । ବର୍ତମାନ ଧିରେ ଧିରେ ଶୀତର ପ୍ରକୋପ କମିବା ସାଙ୍ଗକୁ ଗ୍ରୀଷ୍ମର ଆଗମନ ହେବାକୁ ଯାଉଥିବା ବେଳେ ଭୂତଳଜଳ ପତନ ହ୍ରାସ ଯୋଗୁଁ ପାନୀୟଜଳ ସମସ୍ୟା ଅନେକ ଗ୍ରାମପଚାଂୟତରେ ଦେଖାଦେଲାଣି । ପାନୀୟଜଳ ପାଇଁ ଗାଁ ଗହଳିରେ ବସାଯାଇଥିବା ନଳକୂପରୁ ମାଟି ମିଶ୍ରିତ ଗୋଳିଆପାଣି ବାହାରୁଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇପଡିଛି । କେତେକ ଗ୍ରାମରେ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଦୟା, ରାଜୁଆ, ମକରା, ମଲାଗୁଣି, ଲୁଣାନଦୀରେ କେତୋଟି ହାତଗଣତି ପାଇପ୍ ଜଳ ପ୍ରକଳ୍ପ ବସିଥିଲେ ମଧ ନଦୀଜଳ ଗୁଡିକ ଦୂଷିତ ହୋଇଯାଇଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇପଡିଛି । କାରଣ ପାଇପ୍ ଜଳ ପ୍ରକଳ୍ପରେ ବସିଥିବା ଫିଲଟରଗୁଡିକ ଅଚଳ ହୋଇପଡିଥିବାରୁ ଦୂଷିତ ଜଳ ଲୋକମାନଙ୍କ ପାଖରେ ସିଧାସଳଖ ପହଂଚୁଥିବାରୁ ଲୋକମାନେ ତାହା ପାନୀୟ ରୂପେ ବ୍ୟବହାର କରୁନାହାନ୍ତି ।

# ସୁଗନ୍ଧି ଫସଲର ଦକ୍ଷତା କାର୍ଯ୍ୟକ୍ରମ

ନବରଙ୍ଗପୁର,୧୭।୨ (ନି.ପ୍ର): କେନ୍ଦ୍ରୀୟ ଔଷଧିୟ ଓ ସୁଗନ୍ଧି ଫସଲ ସଂସ୍ଥାନ (ସିମାପ) ଲକ୍ଷ୍ନୌ ପକ୍ଷରୁ ନବରଙ୍ଗପୁର ବ୍ଲକର ଧାରଣା ବେଡ଼ା ଠାରେ ସୁଗନ୍ଧି ଫସଲର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ପ୍ଲାଂଟ ବାୟୋଟେକ୍ନୋଲୋଜିର ନିର୍ଦ୍ଦେଶକ ଡଃ ଅଜିତ ଶାସନୀ ଯୋଗ ଦେଇ ସୁଗନ୍ଧି ଫସଲର ମୂଲ୍ୟଯୁକ୍ତ ପଦାର୍ଥ ଉତ୍ପାଦନ ସହ ବଜାର ବ୍ୟବସ୍ଥା ସର୍ମ୍ପକରେ ସୂଚନା ଦେଇଥିଲେ । ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ମୀନା ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧମରେ ନବରଙ୍ଗପୁର ଜିଲ୍ଲାର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଉଦ୍ୟୋଗୀ ଆଗେଇ ଆସିବା ଦରକାର ବୋଲି କହିଥିଲେ । ନବରଙ୍ଗପୁର ଡି.ଏଫ.ଓ ଧନାଜୀ ମଗର ଉପସ୍ଥିତ ରହି ସୁଗନ୍ଧି ଫସଲର ଚାହିଦା ଓ ବ୍ୟବହାର ଅନେକ ମାତ୍ରାରେ ବୃଦ୍ଧି ପାଇଛି । ସୁଗନ୍ଧି ଫସଲ ଚାଷ ଦ୍ୱାରା ଅର୍ଥନୀତି ସୁଦୃଢ଼ ହୋଇ ପାରିବ ବୋଲି ସେ କହିଥିଲେ । ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗ ଦେଇ ସୁଗନ୍ଧି ଚାଷୀ ଓ ଯୁବ ଉଦ୍ୟୋଗୀ ଗୁଣାତ୍ମକ ଓ ଅଳ୍ପ ଟଙ୍କାର ପଦାର୍ଥ ପ୍ରସ୍ତୁତ କଲେ ଜିଲ୍ଲାରେ ଅନେକ ପଦାର୍ଥ ବିକ୍ରି କରାଯାଇ ପାରିବ । ତେଣୁ ଯୁବ ଉଦ୍ୟୋଗୀଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା ଯୋଗ ଦେି ସୁଗନ୍ଧି ଫସଲ ଚାଷରେ ମିଳୁଥବବା ପ୍ରୋତ୍ସାହନ ଓ ଯୋଜନା ସମ୍ପର୍କରେ କହିଥିଲେ । ଓରମାସ୍‌ର ଉପକାର୍ଯ୍ୟ ନିର୍ବାହୀ ଏ. ଉମା ମହେଶ ଯୋଗ ଦେଇ ତାଲିମ ପ୍ରାପ୍ତ ଧୂପକାଠି ଉଦ୍ୟୋଗୀ ଓ ସାବୁନ ଉଦ୍ୟୋଗୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। କେନ୍ଦ୍ରୀୟ ଔଷଧିୟ ଓ ସୁଗନ୍ଧି ଫସଲ ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡଃ. ପ୍ରଶାନ୍ କୁମାର ରାଉତ ଉପସ୍ଥିତ ରହି ପ୍ରାକୃତିକ ସାବୁନ ପ୍ରସ୍ତୁତି ଓ ଧୂପପାଠି ପ୍ରସ୍ତୁତିର ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ କ୍ଷେତ୍ର ସହାୟିକା ରୀତା ବିତିଆ, ତାଲିମ୍ ପ୍ରାପ୍ତ ଉଦ୍ୟୋଗୀ କୃଷ୍ଣ ନାୟକ, ଜ୍ୟୋତି ରଂଜନ କଂସ, ଅଜିତ୍ କୁମାର ନାୟକ, ସୁଧାଂଶୁ ପାଢ଼ୀ, ଭଗବାନ ଖରା ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ସୁଗନ୍ଧି ଫସଲ ଚାଷୀ ସହ ଜଗପତି ଓ ଜଗତସିଂହପୁର ଜିଲ୍ଲାର ଉଦ୍ୟୋଗୀ ମାନେ ଯୋଗ ଦେଇ ସେମାନଙ୍କର ସଫଳତା ସମ୍ପର୍କ କୌଶଳ ସମ୍ପର୍କରେ ବୁଝାଇ ଥିଲେ ।

# ରାଜ୍ୟସ୍ତରୀୟ ସିନିୟର ମହିଳା ଫୁଟବଲ ଚମ୍ପିୟାନସିପ

## ଝାରସୁଗୁଡା ଯାତ୍ରାକଲା ମୟୂରଭଂଜ ଟିମ



ବାରିପଦା (ପି.ଏନ.ଏସ.) ତା ୧୫/୨ ମୟୂରଭଜ ଏଥଲେଟିକ ଆସୋସିଏସନ ଆନୁକୁଲ୍ୟରେ ଅନୁଷ୍ଠିତ ଚୟନ ଶିବିରରେ ମନୋନୀତ ହୋଇ ଜିଲ୍ଲା ମହିଳା ଫୁଟବଲ ସିନିୟର ଟିମ ଝାରସୁଗୁଡା ଯାତ୍ରା କରିଥିବାର ଜଣାଯାଇଛି । ଏହିଟିମ ଝାରସୁଗୁଡା ଠାରେ ଅନୁଷ୍ଠିତ ହେଉଥିବା ପିସି ବେହେରା ଆ'ଜିଲ୍ଲା ରାଜ୍ୟସ୍ତରୀୟ ସିନିୟର ମହିଳା ଫୁଟବଲ ଚମ୍ପିୟନସିପରେ ଅଂଶଗ୍ରହଣ କରିବେ। ୧୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଏହି ଖେଳର ପ୍ରଥମ ମ୍ୟାଚରେ ମୟୂରଭ ଟିମ ବରଗଡ ଟିମକୁ ସାମ୍ନା କରିବ ବୋଲି ମୟୂରଭ ଆଥଲେଟିକ ଏସୋସିଏସନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି । ଏହି ଚୟନ ଶିବିରକୁ ପ୍ରବୀର କୁମାର ବିଶ୍ୱାସ, ମାଣିକ ରଣା, ସୀବ କୁମାର ମହାଁ, ପରିଚାଳନା କରିଥିବା ବେଳେ, ଚୟନକର୍ତ୍ତା ଭାବେ ଅମୂଲ୍ୟ ଦାସ, ଆନପା ମାଝି, ସେଙ୍ଗେଲ ସୋରେନ, ନନ୍ଦଲାଲ ମହାପାତ୍ର ଏବଂ ପ୍ରଦୀପ କିଶୋର ମହାଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମହିଳା ଟିମରେ ଦମୟଁ ତିରିଆ, ଧାନି ହାଁସଦା, ଇତିଶ୍ରୀ ସରଦାର, କାରନି ସରଦାର, କୁଇଲୁ ହେମ୍ବ୍ରମ, ଲକ୍ଷ୍ମୀ ହାଁସଦା, ମହିମା ମାଝି, ମାଳତୀ ନାଏକ, ମୁଲତା ଦାସ, ନାନ୍ଦି ଯାମୁନା, ପ୍ରିତିଲତା ହେମ୍ବ୍ରମ, ପୂର୍ଣ୍ଣିମା ହାଁସଦା, ରିନା ସିଂ, ରୁକମଣି ମୁର୍ମୁ, ସାକରୋ ହେମ୍ବ୍ରମ, ସୀତା ବେଶ୍ରା, ସୀତା ମୁର୍ମୁ, ସୁନୀୟା ସୋରେନ, ପ୍ରମୁଖ ସ୍ଥାନ ପାଇଛନ୍ତି । ଦଳର କୋଚ ଭାବରେ ସୁନିଆ ଚିତ୍ତ ଓ ମ୍ୟାନେଜର ଭାବରେ ଦଇନ ଚନ୍ଦ୍ର କୁଅଁରଦେଓ ଝାରସୁଗୁଡା ଯାତ୍ରା କରିଥିବାର ଜଣାଯାଇଛି ।

# ଅର୍ବାନ ବ୍ୟାଙ୍କ ଟଙ୍କା ଫେରସ୍ତ ଘଟଣା : ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ପାଇଁ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶ

ବାରିପଦା,୧୭।୦୨ (ନି.ପ୍ର): ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ୭୬ ହଜାର ୯୮୪ ଟି ଜମାଖାତାରୁ ଜମାକାରୀମାନେ ନିଜର କଷ୍ଟଲବ୍ଧ ଜମା ଟଙ୍କା ୨୦୧୨ ମସିହା ଠାରୁ ଉଠାଇ ନପାରି ମାନସିକ ଦୁଶ୍ଚିନ୍ତା ଦେଇ ଗତିକରୁଥିବା ବେଳେ, ପୂର୍ବତନ ପରିଚାଳନା ପରିଷଦର ପ୍ରଚେଷ୍ଟାରେ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ଠାରେ ରୁଜୁ କରାଯାଇଥିବା ମିକେଶ ନମ୍ବର ଆଇ.ଏ. ୬୯୫/୨୦ର ଶୁଣାଣୀ କରି ଚଳିତବର୍ଷ ଜୁନ୍ ୨୫ତାରିଖ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସମସ୍ତ ଜମାକାରୀଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶ ବଳରେ ବ୍ୟାଙ୍କ ପକ୍ଷରୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇ ୩କୋଟି୪୯ ଲକ୍ଷଟଙ୍କା ଜମାକାରୀଙ୍କୁ ଫେରସ୍ତ କରାଯାଇଥିବା ବେଳେ, ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଉକ୍ତ ଆଦେଶ ଉପରେ ସ୍ଥଗିତାଦେଶ ଆଣିବାରୁ ଟଙ୍କା ଫେରସ୍ତ ବନ୍ଦ ହୋଇଯାଇଥିଲା। ତେବେ ପୁନର୍ବାର ଉକ୍ତ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଖଣ୍ଡପୀଠ ଗତ ସେପ୍ଟେମ୍ବର ମାସ ୧୫ତାରିଖରେ ୮ ସପ୍ତାହ ମଧ୍ୟରେ ସମସ୍ତ ଜମାକାରୀଙ୍କୁ ସେମାନଙ୍କ ଜମାଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମାନ୍ୟବର ହାଇକୋର୍ଟଙ୍କ ଅର୍ଡରରେ ବ୍ୟାଙ୍କ ଲିକ୍ୟୁଡିସନ କରାଯାଇ ଜମାକାରୀଙ୍କ ଜମାଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଥିବାରୁ ରିଜର୍ଭ ବ୍ୟାଙ୍କ ରୁଲ ଅନୁଯାୟୀ ବ୍ୟାଙ୍କ ଲିକ୍ୟୁଡିସନ ହେଲେ ଜମାକାରୀ ସର୍ବାଧିକ ଏକଲକ୍ଷ ଟଙ୍କା ଉଠାଇପାରିବାର ନିୟମ ଥିବା କହି ଜମାକାରୀ ମାନଙ୍କୁ ଆଦୌ ଟଙ୍କା ଫେରସ୍ତ କରାଗଲା ନାହିଁ। ମାନ୍ୟବର ହାଇକୋର୍ଟଙ୍କ ଅର୍ଡରକୁ ଓଡିଶା ସରକାରଙ୍କ ଆଇନ ବିଭାଗକୁ ତର୍ଜମା ପାଇଁ ପ୍ରେରଣ କରାଯାଇଥିଲା । ମୋରଡା ବିଧାୟକ ରାଜକିଶୋର ଦାସଙ୍କ ପରାମର୍ଶ କ୍ରମେ ପୂର୍ବତନ ବ୍ୟାଙ୍କ ସଭାପତି ଗିରିଧାରୀ ପୃଷ୍ଟିଙ୍କ ପ୍ରଚେଷ୍ଟା ଓ ପ୍ରେରଣାରେ କରଞ୍ଜିଆର ଜମାକାରୀ ପଙ୍କଜ କୁମାର ଶାହା ଓ ଅନ୍ୟାନ୍ୟଙ୍କ ଦ୍ୱାରା ଓଡିଶା ହାଇକୋର୍ଟରରେ ଏକ ଅଦାଲତ ଅବମାନନା କେସ ନମ୍ବର ୫୫୭୬/୨୦ ମାଧ୍ୟମରେ ରୁଜୁ କରାଯାଇଥିଲା। ଆଜି କୋପରେଟିଭ ସୋସାଇଟି ରେଜିଷ୍ଟ୍ରାର ଅଫ ଓଡିଶାଙ୍କ କାର୍ଯ୍ୟାଳୟ ଚିଠି ନଂ- ୨୭୨୧ ତା ୧୫/୨/୨୧ ରିଖ ମୂଳେ ବାରିପଦା କୋପରେଟିଭ ସୋସାଇଟିର ଡେପୁଟୀ ରେଜିଷ୍ଟ୍ରାରଙ୍କ ନିକଟକୁ ତୁରନ୍ତ ଜମାକାରୀ ମାନଙ୍କୁ ସେମାନଙ୍କର ଟଙ୍କା ଫେରସ୍ତ କରିବା ପାଇଁ ଏକ ଚିଠି ଆସିଥିବାର ଜଣାଯାଇଛି ।

## ନୂଆ ରୂପ ପାଇବ କଳିଙ୍ଗ ଷ୍ଟୁଡ଼ିଓ

ଭୁବନେଶ୍ୱର,୧୭।୦୨ (ନି.ପ୍ର): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡ଼ିଓ ପାଇବ ନୂଆ ରୂପ । ଷ୍ଟୁଡିଓକୁ ନୂଆ ରୂପରେଖ ଦେବା ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କଳିଙ୍ଗ ଷ୍ଟୁଡିଓରେ 'ଷ୍ଟେଟ୍ ଅଫ୍ ଦି ଆର୍ଟ' ଆଧୁନିକ ସିନେମା ଷ୍ଟୁଡିଓ ପ୍ରତିଷ୍ଠା ହେବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ଯୋଜନାକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାର ଷ୍ଟୁଡ଼ିଓକୁ ଏକ ନିଯୁକ୍ତି ସୃଷ୍ଟିକାରୀ ୟୁନିଟରେ ପରିଣତ କରିବା ଏବଂ ବ୍ୟବସାୟୀକ ଢଙ୍ଗରେ ବିକଶିତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଷ୍ଟୁଡିଓକୁ ପର୍ଯ୍ୟଟକ ଓ ସାମାଜିକ କେନ୍ଦ୍ର ଭାବେ ବିକଶିତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

## ୫୬ ଲକ୍ଷ ଟଙ୍କାର ଜରିମାନା ଆଦାୟ ଓ ୧୫୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ




ବାଲେଶ୍ୱର,୧୭।୦୨ (ନି.ପ୍ର): ଆଞ୍ଚଳିକ ପରିବହନ ବିଭାଗ ଓ ସଡ଼କ ସୁରକ୍ଷା କମିଟିର ମିଳିତ ସହଯୋଗରେ ଗତ ଜାନୁଆରୀ ମାସ ୧୮ ତାରିଖରୁ ବାଲେଶ୍ୱର ଜିଲାରେ ଚାଲିଥିବା ଜାତୀୟ ସଡ଼କ ସୁରକ୍ଷା ମାସ ବୁଧବାର ଉଦଯାପିତ ହୋଇଯାଇଛି। ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସାଙ୍ଗକୁ ଦୀର୍ଘ ଏକମାସ ଧରି ଜାରି ରହିଥିବା କାର୍ଯ୍ୟାନୁଷ୍ଠାନ ବି ଶେଷ ହୋଇଛି। ଏକମାସର ସଫଳତାକୁ ନେଇ ବିଭାଗ ପକ୍ଷର ଉଦଯାପନ ଦିବସ ଅବସରେ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏକମାସ ଧରି ଜିଲାର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଣଜିତ୍ ଦଳବେହେରା ସୂଚନା ଦେଇଛନ୍ତି। ବିଶେଷ କରି ସଚେତନତା ଗଣ ପଦଯାତ୍ରା, ସାଇକେଲ ଶୋଭାଯାତ୍ରା, ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବି ଟ୍ରାଫିକ ନିୟମ ଓ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥି ସହିତ ହୋର୍ଡ଼ିଂ, ଲିଫଲେଟ ବଣ୍ଟନ ଓ ପ୍ରାଚୀର ଚିତ୍ରକଳା ଆଦି ଅଙ୍କନ କରାଯାଇଥିଲା। ତେବେ ଗାଡ଼ିଚାଳକଙ୍କୁ ସଚେତନ କରାଯିବା ସହିତ ଅମାନିଆ ତଥା ଟ୍ରାଫିକ ନିୟମ ଉଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ପର୍କରେ ଏକମାସ ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରୁ ୪୦ଲକ୍ଷ ୫୬ ହଜାର ୬୦୦ ଟଙ୍କାର ଜରିମାନା ଆଦାୟ ହୋଇଥିବା ସେ କହିଛନ୍ତି। ୪ଚକିଆ ଯାନରେ ବିନା ସିଟବେଲ୍ଟରେ ଯାଉଥିବା ୩ ଜଣ, ମଦପିଇ ଗାଡ଼ି ଚଳାଉଥିବା ୧୭ ଜଣ, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହୋଇଥିବା ୭ ଜଣ, ବିନା ହେଲମେଟରେ ଦୁଇଚକିଆ ଗାଡ଼ି ଚଳାଇଥିବା ୩୮୮ ଜଣ, ଉଚ୍ଚବେଗରେ ଗାଡ଼ି ଚଳାଇଥିବା ୩୭୩ ଜଣ, ଟ୍ରାଫିକ ନିୟମ ଉଲଂଘନ କରିଥିବା ୨୭ ଜଣ ଓ ବିନା ଲାଇସେନ୍ସରେ ଗାଡ଼ି ଡ୍ରାଇଭିଂ କରିଥିବା ୩୪୯ ଜଣଙ୍କଠାରୁ ଏହି ଅର୍ଥ ଆଦାୟ କରାଯାଇଥିବା ଆରଟିଓ ଶ୍ରୀ ଦଳବେହେରା ପ୍ରକାଶ କରିଛନ୍ତି। ଏନେଇ ୧୩୩୨ଟି ଭିସିଆର ବା ଇ ଚାଲାଣ କଟା ଯାଇଥିବା ବେଳେ ୧୯୪ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିବା ସେ ସୂଚନା ଦେଇଚନ୍ତି। ତେବେ ଏହି ଗୋଟିଏ ମାସ ମଧ୍ୟରେ ଜିଲାବାସୀଙ୍କ ମଧ୍ୟରେ ବେଶ ସଚେତନତା ଲକ୍ଷ୍ୟ କରାଯାଇଥିବା ଶ୍ରୀ ଦଳ ବେହେରା କହିଛନ୍ତି। ଏମିତିକି ଦୁଇଚକିଆ ଗାଡ଼ି ଚାଳକ ସମେତ ପଛରେ ବସିଥିବା ଯାତ୍ରୀ ହେଲମେଟ ପିନ୍ଧିବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। କେବଳ ଏହି ସଡ଼କ ସୁରକ୍ଷା ମାସ ନୁହେଁ ବରଂ ଆଗାମୀ ଦିନରେ ନିୟମିତ ଏହି ଭଳି ଯାଞ୍ଚ ଓ ସଚେତନତା ଜାରି ରହିବ ବୋଲି ସେ କହିଛନ୍ତି।

## ନୀଳଗିରି ବିଭିନ୍ନ ସ୍ଥାନରେ ମା ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା

ନୀଳଗିରି,୧୭।୦୨ (ନି.ପ୍ର): ଋତୁରାଜ ବସନ୍ତ ଆଗମନରେ ଧରାବତୋରଣ କରିଛନ୍ତି ବିଦ୍ୟାଦାତ୍ରୀ ମା ସରସ୍ୱତୀ। ବସନ୍ତ ପଂଚମୀ ତିଥିରେ ଦେବୀ ସରସ୍ୱତୀଙ୍କ ପୂଜା ଉପଖଣ୍ଡର ନୀଳଗିରି ସହର ସମେତ ବହୁ ଗ୍ରାମାଂଚଳ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ କୋଭିଡ କଟକଣାରେ ପୂଜାର୍ଚ୍ଚନା କରାଯାଇଛି। ଚଳିତ ବର୍ଷ କରୋନା କଟକଣା ଯୋଗୁଁ ଦୀର୍ଘ ଏକ ବର୍ଷ ଧରି ଶିକ୍ଷାନୁଷ୍ଠାନ ମାନ ବନ୍ଦ ଥିବା ଯୋଗୁଁ ପୂଜାରେ ସେଭଳି ସାଜସଜ୍ଜା ନଥିଲେ ମଧ କିଛି ଅନୁଷ୍ଠାନ ମାନଙ୍କରେ ବାଗଦେବୀଙ୍କ ପୂଜାପାଠ ରୀତିନିତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି। ନୀଳଗିରି ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କର ମୃଣ୍ମୟ ମୂର୍ତ୍ତିକୁ ଡିଭାଇନ ଟ୍ୟୁଟୋରିଆଲ ପରିସରରେ ପୂଜା କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବୋଧାନରେ ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ପୂଜାରେ ଭାଗ ନେଇ ମାଙ୍କୁ ଆରାଧନା କରିଥିଲେ। ଏତଦବ୍ୟତିତ ନୀଳଗିରି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ,ରତ୍ନାକର ଟାଉନ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, କେସି ହାଇସ୍କୁଲ,ମହାଲକ୍ଷ୍ମୀ ଇଂଜିନିୟରିଂ କଲେଜ, ସଂସ୍କୃତ ମହାବିଦ୍ୟାଳୟ ବ୍ୟତିତ ଅଯୋଧ୍ୟା, ବରହମପୁର, ସଜନାଗଡ,ମାଟିଆଳି, ଛତ୍ରପୁର, ଗୋହିରା, ପିଠାହତା, ସନ୍ତରାଗଡିଆ, ଶ୍ୟାମସୁନ୍ଦରପୁର, ପାଟପୁର, ମିତ୍ରପୁର, କଟାବଣିଆ, ଧୋବିଶିଳା ଆଦି ସ୍ଥାନ ମାନଙ୍କରେ ମା ବାଗଦେବୀଙ୍କର ପୂଜାର୍ଚ୍ଚନା ନିରାଡମ୍ବର ଭାବରେ ପାଳିତ ହୋଇଯାଇଥିବା ଜଣାପଡିଛି।

## ଜଳେଶ୍ୱରରେ ବିଭିନ୍ନ କ୍ଲବରେ ପୂଜା ପାଇଲେ ମା' ସରସ୍ୱତୀ



ଜଳେଶ୍ୱର, ୧୭/୨ (ନିପ୍ର) : ଚଳିତବର୍ଷ କୋଭିଦ୍ କଟକଣା ଯୋଗୁଁ ବିଦ୍ୟାଳୟ ମାନଙ୍କରେ ମା ସରସ୍ୱତୀଙ୍କ ପୂଜା ନିଷେଧ ଥିବା ବେଳେ କେବଳ ଘରୋଇ ପୂଜା ସହିତ ବିଭିନ୍ନ କ୍ଲବ ମାନଙ୍କରେ ପୂଜାର ଆସର ଦେଖିବାକୁ ମିଳିଛି । ଜଳେଶ୍ୱରର ବିଂ ହ୍ୟୁମାନ କ୍ଲବ, ବୀଣାପାଣି କ୍ଲବ, ନେତାଜୀ କ୍ଲବ ଏବଂ ନଛିମପୁର ପଂଚାୟତର ଦେଉଳା ଗ୍ରାମରେ ଥିବା ଆଜାଦ୍‌ହିନ୍ଦ କ୍ଲବ, ନାଙ୍ଗୁଡସାହିର ମହାବିର ଓ ଜୟ ଜଗନ୍ନାଥ କ୍ଲବ, ଅର୍ଜ୍ଜୁନୀର ରାମେଶ୍ୱର କ୍ଲବ, ଆମ୍ବଳିଅଠାରୁ ଷ୍ଟାର୍ କ୍ଲବ, ଗୋପବଂଧୁ କ୍ଲବ, ସ୍ୱପ୍ନେଶ୍ୱର କ୍ଲବ, ସାହାଡାପଡାର ସାଇ ଶ୍ରଦ୍ଧା କ୍ଲବ, ବେଲିଗୋପିନାଥପୁରର ନେତାଜୀ କ୍ଲବମାନଙ୍କରେ ବାଗ୍‌ଦେବୀଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସୀମାନ୍ତ ନଛିମପୁର ଠାରେ କ୍ଷେତ୍ରପାଳ କ୍ଲବ ଓ ନିଳେଶ୍ୱର କ୍ଲବରେ ମହାଆଡମ୍ବରରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ନିଳେଶ୍ୱର ମନ୍ଦିର ପ୍ରଙ୍ଗଣରେ ରୟାଲ ଚ୍ୟାଲେଞ୍ଜ ଅପେରା (କମର୍ଦ୍ଦା)ର ଶୁଭମହୂରତ ଅନୁଷ୍ଠିତ ହୋଇ ଯାଇଛି ।

## ରୋଟାରିଆନ ଅତିସ୍ ବେହେରା ହେଲେ ରୋଟାରୀ ଆସିଷ୍ଟାଣ୍ଟ ଗଭର୍ଣ୍ଣର



ଭଦ୍ରକ,୧୭।୦୨ (ନି.ପ୍ର): ଭଦ୍ରକ ରୋଟାରୀ କ୍ଲବ ମିଡ୍ ଟାଉନର ସଭାପତି ଥିବା ରୋଟାରିଆନ ଅତିସ୍ ବେହେରା ଆସିଷ୍ଟାଣ୍ଟ ଗଭର୍ଣ୍ଣର ଭାବେ ମନୋନୀତ ହୋଇଛନ୍ତି। ରୋଟାରୀ ଜିଲ୍ଲା ୩୨୬୨ଓଡ଼ିଶାର ଗଭର୍ଣ୍ଣର ରୋଟାରିଆନ ଶାନ୍ତନୁ ପାଣି ଶ୍ରୀ ବେହେରାଙ୍କୁ ଏହି ପଦ ପାଇଁ ମନୋନୀତ କରିଥିବାରୁ ଭଦ୍ରକ ରୋଟାରୀ କ୍ଲବ ମିଡ୍ ଟାଉନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ସ୍ୱାଗତ କରାଯାଇଛି। ଶ୍ରୀ ବେହେରା ତାଙ୍କ ସଭାପତିତ୍ୱ ସମୟରେ ବହୁ ପ୍ରକଳ୍ପର ସୁପରିଚାଳନା କରିବା ସହିତ ଦକ୍ଷତାର ସହ ସମ୍ପୂର୍ଣ୍ଣ କରିଥିବାରେ ସେ ରାଜ୍ୟ ଏବଂ ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଥିଲେ। କୋଭିଡ଼ - ୧୯ ସମୟରେ କ୍ଲବ ମାଧ୍ୟମରେ ଅସହାୟ ଓ କୋଭିଡ଼ ଯୋଦ୍ଧାଙ୍କୁ ସହାୟତା ଯୋଗାଇବା ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ। ଏହା ବ୍ୟତୀତ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ପରିବେଶ ସଚେତନତା, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିବା ତାଙ୍କର କାର୍ଯ୍ୟର ଅନନ୍ୟ ନିଦର୍ଶନ। ସେ ୨୦୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟ ତୁଲାଇବେ ବୋଲି ଜଣା ପଡ଼ିଛି।

## ଉଦଳାରେ ଉଦ୍‌ଘାଟିତ ହେଲା ଚକ୍ଷୁ ପରୀକ୍ଷା ବିଭାଗ



ଉଦଳା,୧୭।୦୨ (ନି.ପ୍ର): ଉଦଳାସ୍ଥିତ କପ୍ତିପଦା ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଆଜି ୧୭ ତାରିଖ ବୁଧବାର ଦିନ ଏକ ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ବିଭାଗ ଉଦ୍‌ଘାଟିତ ହୋଇ ଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଉକ୍ତ ଡ଼ାକ୍ତରଖାନାକୁ ଚକ୍ଷୁ ପରୀକ୍ଷା ପାଇଁ ଆବଶ୍ୟକ ସମସ୍ତ ପରୀକ୍ଷା ଉପକରଣ ଯୋଗାଇ ଦିଆଯାଇଛି । ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ନାଳିଫିତା କାଟି ଉକ୍ତ ବିଭାଗକୁ ଉଦ୍‌ଘାଟନ କରିବା ସହିତ ବ୍ୟାଙ୍କ ଅଫ ଇଣ୍ଡିଆର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଜିର ଉଦ୍‌ଘାଟନ ଉତ୍ସବରେ ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ ମ୍ୟାନେଜର ସୌନ୍ଦର୍ଯ୍ୟ ଭୂଷଣ ସାହିଣୀ, ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ା. ଶିବାନନ୍ଦ ମହାନ୍ତି, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସାମାଜିକ କର୍ମୀ ସରୋଜ ସାମଲ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୁର୍ବତନ ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁ, ପୁର୍ବତନ କାଉନସିଲର ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏଣିକି ଚକ୍ଷୁ ପରୀକ୍ଷା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ ଏଠାରେ ମାଗଣାରେ ସବୁପ୍ରକାର ପରୀକ୍ଷା କରାଯିବା ସହିତ ରକ୍ତର ସୋଡ଼ିୟମ ଓ ପଟାସିୟମ ମଧ ପରୀକ୍ଷା କରାଯିବ ବୋଲି ଉପଖଣ୍ଡର ଚିକିତ୍ସାଧିକାରୀ ଡ଼ା. ମହାନ୍ତି ଅବଗତ କରାଇଥିଲେ । ବର୍ତ୍ତମାନ ଏଠାରେ ଚକ୍ଷୁ ସହାୟକ ଭାବରେ ଅନନ୍ତ କୁମାର ଜେନା ନିଯୁକ୍ତି ପାଇଥିବାର ପ୍ରକାଶ କରିଥିଲେ । କେତେଜଣ ଗଣମାଧ୍ୟମର ପ୍ରତିନିଧି ଏଠାରେ ଜଣେ ସ୍ଥାୟୀ ଚକ୍ଷୁ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ ଏବଂ ଏ ବାବଦରେ ସ୍ଥାନୀୟ ବିଧାୟକ ଦୃଷ୍ଟି ଦିଅନ୍ତୁ ବୋଲି ଅନୁରୋଧ ଜଣାଇଥିଲେ ।

## ରେଳବାଇ ବିଦ୍ୟୁତ ତାର ଚୋରି : ଜେଲ ଗଲେ ୨ଅଭିଯୁକ୍ତ



ବସ୍ତା,୧୭।୦୨ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥର ଖଡଗପୁର ଡିଭିଜନ ଅନ୍ତର୍ଗତ ରୁପସା-ବାଙ୍ଗିରିପୋଷି ସେକ୍ସନରୁ ଗତ ୫ତାରିଖ ରାତିରେ ୫୫ମି. ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା ।ରୁପସା ଆରପିଏଫ୍ ଥାନାଧିକାରୀ ସବଇନସପେକ୍ଟର ଭଗବାନ ସିଂହ ଘଟଣାର ଛାନଭିନ କରି ଏବଂ ସ୍ୱତନ୍ତ୍ର ଟିମ ସହ ସୋମବାର ଚଢାଉକରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ।ଗିରଫ ଅଭିଯୁକ୍ତ ହେଲେ ରୁପସା ଥାନା ବାରାପାଳ ଗ୍ରାମର ବୁଟି ଓରଫ କୈଳାସ ଜେନା ଓ ପାଟପୁରର ପୁଣ୍ଟ ଓରଫ୍ ହରେକୃଷ୍ଣ ପରିଡା । ଚୋରିହୋଇଥିବା ୨ବଣ୍ଡିଲ ତାରକୁ ସ୍ଥାନୀୟ ପୋଖରୀରୁ ଆରପିଏଫ ଜବତ କରିଛି ।ଚୋରି ତାରର ଆନୁମାନିକ ମୂଲ୍ୟ ୩୫ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।ଏ ସଂକ୍ରାନ୍ତରେ ଆରପିଏଫ ଥାନାରେ ଏକ କେସ(ନଂ ୧/୨୧) ରୁଜୁ କରି ଗିରଫ୍ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ପୁଅ ବିବାହ ଚତୁର୍ଥୀ ଉତ୍ସବରେ ମା'ର ମୃତ୍ୟୁ

ଜଳେଶ୍ୱର, ୧୭/୨ (ନିପ୍ର) : ଜୀବନଠାରୁ ଅଧିକ ଭଲ ପାଉଥିବା ପୁତ୍ରର ବିବାହ ଚତୁର୍ଥୀରେ ମା'ର ମୃତ୍ୟୁ ଘଟିଛି ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ଗାଁର ସ୍ୱର୍ଗତ ମୁରଲୀ ଚନ୍ଦ୍ର ଗିରିଙ୍କ ପରିବାରରେ । ଘଟଣାରୁ ପ୍ରକାଶ ଶନିବାର ବାପ ଛେଉଣ୍ଡ ପୁତ୍ର ର ବିବାହ ଉତ୍ସବ ଆୟୋଜନରେ ବ୍ୟସ୍ତ ଥିବା ୭୨ ବର୍ଷିଆ ମା ସିଦ୍ଧେଶ୍ୱରୀ ଗିରି ତରତରରେ ଯାଉଥିବା ବେଳେ ହଠାତ୍ ତଳେ ପଡିଯାଇଥିଲେ । ତୁରନ୍ତ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲ ନିଆଯାଇ ଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ପୁତ୍ରର ଚତୁର୍ଥୀ ଉତ୍ସବ ଚାଲିଥିବା ବେଳେ ତାଙ୍କର ପ୍ରାଣବାୟୁ ଉଡିଯାଇଛି । ଏପରି ଘଟଣାରେ ବଂଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଓ ସ୍ଥାନୀୟ ଅଂଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ରାସ୍ତା ଦୁର୍ଘଟଣାରେ ଯୁବକ ମୃତ : ଉତ୍ତେଜନା ଓ ରାସ୍ତାରୋକ

ଜଳେଶ୍ୱର, ୧୭/୨ (ନିପ୍ର) : ରାସ୍ତା ଦୁର୍ଘଟଣାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟଣାରେ ରାଇବଣିଆ କବାଟଘାଟିର ଅନତିଦୂରରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେବାପରେ ରାସ୍ତାରୋକ ହୋଇଥିଲା । ଘଟଣାରୁ ପ୍ରକାଶ ଗତ ମଂଗଳବାର ସଂଧ୍ୟାରେ ପଶ୍ଚିମବଂଗର ପଶ୍ଚିମମେଦିନୀପୁର ଜିଲା ନୟାଗ୍ରାମ ଥାନା ଅନ୍ତର୍ଗତ ଯୋଗୀପାଳ ଗାଁର ସିମେନ୍ ସୋରେନ୍ (୪୩) ତାଙ୍କ ଶାଶୁ ଶ୍ୱଶୁରଙ୍କୁ ଧରି ରାଇବଣିଆ ଥାନାର ହାତୀଗଡ ନିକଟସ୍ଥ ନ ମାଣିଆ ଗାଁକୁ ଛାଡିବାକୁ ଆସିଥିଲେ । ଫେରିବା ବାଟରେ କବାଟଘାଟି ଛକ ନିକଟରେ ଏକ ଚାରିଚକିଆ ଯାନ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ସଂଜ୍ଞାହୀନ ଅବସ୍ଥାରେ ସିମେନ୍‌କୁ ସ୍ଥାନୀୟ ଲୋକେ ଚିକିତ୍ସାଲାଗି ବାଲେଶ୍ୱର ନେଇ ଯାଇଥିଲେ ହେଁ ତାର ପ୍ରାଣବାୟୁ ଉଡି ଯାଇଥିଲା । ସିମେନ୍‌ର ଘର ପଶ୍ଚିମବଂଗ ହୋଇଥିଲେ ହେଁ ସେ ଉପାନ୍ତ ଓଡିଶାରେ ବେଶ୍ ପରିଚିତ । ନୟାଗ୍ରାମଥାନାର ନେତା ଶ୍ରୀଜିତ୍ ଦାସ, ରାଇବଣିଆର ଦିଲ୍ଲୀପ ସାମଲ, ସନ୍ଦିପ ଘୋଷ, ଶଂକର ଘୋଷଙ୍କ ନେତୃତ୍ୱରେ ବହୁ ଲୋକ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିଥିଲେ । ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ , ଆର୍‌ଆଇ ଦିଲ୍ଲୀପ ଚାନ୍ଦ ଓ ପୁଲିସ୍ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କଲାପରେ ଆନ୍ଦୋଳନ ହଟିଥିଲା ।

## ଭାରତୀୟ ରାଇଫେଲ୍ ଟିମ୍‌ରେ ସ୍ଥାନ ପାଇଥିବାରୁ ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୦୨ (ନି.ପ୍ର): ଆନ୍ତର୍ଜାତିକ ସୁଟିଂ କ୍ରୀଡ଼ା ମହାସଂଘ ସୁଟିଂ ବିଶ୍ୱ କପ ପାଇଁ ଭାରତୀୟ ମହିଳା ରାଇଫେଲ୍ ଟିମ୍ ରେ ସ୍ଥାନ ପାଇଥିବାରୁ ଓଡ଼ିଶାର ସୁଟର ଶ୍ରୀୟଙ୍କା ଷଡଙ୍ଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି । ଏହି ଇଭେଂଟ ନୂଆଦିଲ୍ଲୀଠାରେ ଆସନ୍ତା ୨୦୨୧ ମାର୍ଚ୍ଚ ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଦ୍ୱିତୀୟ ଅଜୟ ଉତ୍ସବ ଅନୁଷ୍ଠିତ



ଭୁବନେଶ୍ୱର,୧୭।୦୨ (ନି.ପ୍ର): ଭାରତୀୟ ବିଦ୍ୟାଭବନରେ ଦ୍ୱିତୀୟ ଅଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଶୋକ ପୁହାଣ ଏଥିରେ ସଭାପତିତ୍ୱ କରୁଥିବା ବେଳେ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ, କଥାକାର ଦେବାଶିଷ ପାଣିଗ୍ରାହୀ, ବିଶିଷ୍ଟ କବି ରମାକାନ୍ତ ରଥ, କବି ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ଓ ଅସୀମା ସାହୁ ପ୍ରମୁଖ ମଂଚାସୀନ ଥିଲେ । ପ୍ରାରମ୍ଭରେ ସମ୍ପାଦକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଗାଳ୍ପିକ ଗୌତମବୁଦ୍ଧ ଦାସ ଏବଂ କବି ଗୀତାଞ୍ଜଳି ମହାରଣାଙ୍କୁ ଦ୍ୱିତୀୟ ଅଜୟ ଉତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା । ସଂଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କ ତତ୍ତ୍ୱାବଧାନରେ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ବହୁ ସାହିତ୍ୟିକ ଯୋଗ ଦେଇଥିଲେ । ସଭାରେ ଅଜୟ ସ୍ୱାଇଁଙ୍କ ଗଳ୍ପ ପୁସ୍ତକ 'ଗପର ଦେହ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ବନୋଜ ତ୍ରିପାଠୀ ସଭା ପରିଚାଳନା କରିଥିଲେ । ନବୀନ କବିମାନେ ପ୍ରଥମେ ପ୍ରାଚୀନ କାବ୍ୟ କବିତା ଅଧ୍ୟୟନ କରିବା ଆବଶ୍ୟକ ଓ ଗାଳ୍ପିକମାନେ ଅଧୁନା ସବୁ ବିବର୍ତ୍ତନବାଦକୁ ଦୃଷ୍ଟିରେ ରଖି ଗଳ୍ପ ରଚନା କରନ୍ତୁ ବୋଲି ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ।

GOVT. OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
BAISINGA CANAL DIVISION
AT/PO. LAXMIPOSI, DIST. MAYURBHANJ,
E-Mail ID : eejedlax@rediffmail.com

QUOTATION CALL NOTICE NO. 06/2020-21

Name of the Work: 1) Procurement and I\nstalllation of Inventors inside office of Executive Engineer, Designs Division, S.I.P at Laxmiposi for the Year 2020-21, 2) Procurement of Building Materials for repair of Residential & Non-Residential Buildings at S.I.P. Colony Laxmiposi for the year 2020-1 and 3) Prorcurement of Daily Consumable medicines for Subarnarekha Irrigation Project Hospital at Laxmiposi for the Year 2020-21.

Estimated cost: 1) Rs.0.71 Lakh, 2) 0.76 Lakh and 3) Rs.1.38 Lakh.
Period of Completion: 10 days for each works.

Date & time of availability of bid dicument in the office O.I.T: From 17.02.2021 at 10.00AM to 5.00 P.M. of 25.02.2021

Date/Time for Receipt of bids in the office of OIT.: From 17.02.2021 at 11.00AM at 3.30PM of 26.02.2021

Name and Address of the O.I.T. : Executive Engineer, Baisinga Canal Division, Laxmiposi.

**Executive Engineer**
**Baisinga canal Division, Laxmiposi**

OIPR : 32281/11/0013/2021

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo